# ଆଗକୁ ପଡ଼ିଆ ପଡ଼ିବ ଜମି, ମିଳିବନି ପାଣି

**କେନ୍ଦ୍ରାପଡ଼ା, ୧୭।୩ (ଜଗନ୍ନାଥ ଧଳ)**

### ଲୁଣାନଦୀ ଜଳସ୍ତର କମୁଛି
- ନଦୀର ଗତିପଥ ପରିବର୍ତ୍ତନ ହେଉଛି
- ସହରର ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ଆଶଙ୍କା

୨୦୨୪ ଡିସେମ୍ବରଠାରୁ କେନ୍ଦ୍ରାପଡ଼ା ଜିଲାରେ ପ୍ରବାହିତ ଲୁଣାନଦୀର ଜଳସ୍ତର କମିବାରେ ଲାଗିଛି। ଫଳରେ ଆଗାମୀଦିନରେ କେନ୍ଦ୍ରାପଡ଼ା ପୌରାଞ୍ଚଳର ପିଇବା ପାଣି ସମସ୍ୟା ଉଭା ହେବା ସହ ଅବବାହିକାରେ ଥିବା ଚାଷଜମି ପଡ଼ିଆ ପଡ଼ିବା ଆଶଙ୍କା ଦେଖାଦେଇଛି। ଲୁଣାନଦୀରୁ ବେଆଇନ ଭାବେ ବାଲି ଉଠା ଯାଉଥିବାରୁ ନଦୀପଥର ପରିବର୍ତ୍ତନ ହେବ ବୋଲି ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି। ଜିଲାରେ ପ୍ରବାହିତ ନଦୀଗୁଡ଼ିକର ସଂଯୋଗୀକରଣ ପରେ ଏହି ସମସ୍ୟାର ସମାଧାନ ହୋଇ ପାରିବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

କେନ୍ଦ୍ରାପଡ଼ା ସହରସ୍ଥ ଖଡ଼ିଅଙ୍ଗର କ୍ଷିତୀଶ କୁମାର ସିଂହ କହିଛନ୍ତି, ସହରକୁ ପାଣି ଯୋଗାଣ ପାଇଁ ପିଏଚ୍‌ଡି ଓ ଜଳ ସମ୍ପଦ ବିଭାଗର ସମନ୍ୱୟରେ ଲୁଣାନଦୀର କଳପଡ଼ାଠାରୁ ପାଣି ଉଠାଯାଉଛି। ତେବେ ଜାନୁଆରୀରୁ ନଦୀର ପମ୍ପ ହାଉସ ପାଖ ଶୁଖିଲା ପଡ଼ିଛି। ଏଥିପାଇଁ ୭୦୦ ମିଟର ଦୂରରୁ ଏକ ୧୫୦ ମିଟରର ନାଳି ଖୋଳା ଯାଇ ପମ୍ପ ହାଉସ ନିକଟକୁ ପାଣି ଅଣାଯାଉଥିଲା। ଏହି ନାଳି ଏବେ ଶୁଖିଲା ଅବସ୍ଥାକୁ ଆସିଗଲାଣି। ଏପରିସ୍ଥିତି ରହିଲେ ଆସନ୍ତା ୧୫ ଦିନ ମଧ୍ୟରେ ସହରକୁ ଜଳ ଯୋଗାଣ ବନ୍ଦ ହୋଇଯିବ। ବୁଦ୍ଧିଜୀବୀ ସନ୍ତୋଷ କୁମାର ପଣ୍ଡା କହିଛନ୍ତି, ପଡ଼ାଗୟାସପୁର, ଗୟାସପୁର, ଥାଉରୀ, ଚଢ଼େଇଗୁଆଁ, ରାଜଗଡ଼, ଅଙ୍ଗୁଳାଇ ଆଦି ସ୍ଥାନରେ ଲୁଣାନଦୀର ଚେକ୍‌ଡ୍ୟାମ ହୋଇଛି। ପାନୀୟ ଜଳ ଯୋଗାଣ ସହ ଚାଷ କାର୍ଯ୍ୟ ପାଇଁ ଜଳ ଯୋଗାଣ ହେବା କଥା। ତେବେ ଖରା ଆରମ୍ଭରୁ ଲୁଣା ନଦୀ ଜଳସ୍ତର ହ୍ରାସ ପାଇଥିବାରୁ ପ୍ରାୟ ୧୦ ହଜାର ହେକ୍ଟର ଜମି ପଡ଼ିଆ ପଡ଼ିବ ବୋଲି ଆକଳନ କରାଯାଉଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ଲୁଣା ନଦୀ କେନ୍ଦ୍ରାପଡ଼ା ମଧ୍ୟ ଦେଇ ପ୍ରବାହିତ ହେଉଛି। ନଦୀର ଲମ୍ବ ୭୩ କିଲୋମିଟର ହୋଇଥିବା ବେଳେ ବ୍ରିଟିଶ ଶାସନ ସମୟରେ ଏହି ବାଟ ଦେଇ ନୌବାଣିଜ୍ୟ ହେଉଥିଲା। ଏହାର ରକ୍ଷଣାବେକ୍ଷଣ ଅଭାବ, ବେଆଇନ ବାଲି ଓ ମାଟି ଉଠାଣ, ଜବରଦଖଲ ହେତୁ ଏବେ ନଦୀର ଗତିପଥ ଏବଂ ଜଳଧାରଣ କ୍ଷମତାରେ ପରିବର୍ତ୍ତନ ହୋଇଛି। ଏହି ଜିଲାର ଅଧିବାସୀ ଚାଷ ଉପରେ ନିର୍ଭରଶୀଳ ହୋଇଥିବାବେଳେ ୧୫,୮୫୦ ହେକ୍ଟର ଚାଷଜମିରେ ଉଦ୍‌ବୃତ୍ତ ଜଳର ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନାହିଁ। ସେହିପରି ଜିଲାର ୩୨,୩୫୦ ହେକ୍ଟର ଚାଷ ଜମି ଲୁଣା। ଏଥିସହ ବର୍ଷାଦିନେ ୩୪,୯୫୨ କ୍ଟେର ଜମିରେ ବନ୍ୟା ଜଳ ମାଡି ଯାଉଛି। ଜିଲାର ୮୪,୯୧୦ ହେକ୍ଟର ଜମିକୁ ପାଣି ଯାଉ ନ ଥିବାରୁ ଏକ ପ୍ରକାର ଅଘୋଷିତ ମରୁଡି ଅଞ୍ଚଳ ଭାବେ ପରିଗଣିତ ହେଉଛି। ନଦୀ ଓ ମୁଖ୍ୟ କେନାଲଗୁଡ଼ିକର ଜଳ ପରିଚାଳନା ପାଇଁ ଜିଲା ପରିଷଦରେ ବାରମ୍ବାର ଦାବି ସତ୍ତ୍ୱେ କୌଣସି ସୁଫଳ ମିଳିଲା ନାହିଁ। ସାମାଜିକ କର୍ମୀ ପ୍ରତାପ କୁମାର ତ୍ରିପାଠୀ କହିଛନ୍ତି, ଲୁଣାନଦୀର ଜଳସେଚନ ଫଳରେ ଜିଲାରେ ଧାନ ସହ ରବି ଫସଲ ଓ ନଳିତା, ବାଦାମ ଆଖୁ ପରି ଅର୍ଥକରୀ ଫସଲ, ପନିପରିବା ଚାଷ ହେଉଥିଲା। କିଛି ବର୍ଷ ଧରି ଏହି ନଦୀର ଜଳସ୍ତର କମିବାରେ ଲାଗିଛି। ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାରଙ୍କ ବନ୍ଧ ନିର୍ମାଣ ଫଳରେ ଏପରିସ୍ଥିତି ଉପୁଜିଛି। କୃଷକ ନେତା ବିଧୁ ଭୂଷଣ ମହାପାତ୍ର କହିଛନ୍ତି, ଜିଲାରେ ୭ ନଦୀ ପ୍ରବାହିତ ହେଉଛି। ଏହି ନଦୀଗୁଡ଼ିକୁ ସଂଯୋଗୀକରଣ କରାଯାଇ ବିଭିନ୍ନସ୍ଥାନରେ ବ୍ୟାରେଜ ନିର୍ମାଣ କରାଗଲେ ଜିଲାର ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା ହୋଇପାରନ୍ତା। ଏ ନେଇ ପ୍ରଶାସକ ଓ ସ୍ଥାନୀୟ ରାଜନେତା କୌଣସି ପଦକ୍ଷେପ ନେଉନାହାନ୍ତି। ଏ ସମ୍ପର୍କରେ ଜଳ ସମ୍ପଦ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ଏହି ନଦୀର ଜଳ ଧାରଣ କ୍ଷମତା ବୃଦ୍ଧି ପାଇଁ ବିଭିନ୍ନ ପ୍ରକଳ୍ପର ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି।


ଶୁଖିଲା ପଡିଛି ଲୁଣା ନଦୀ।

# ଏପ୍ରିଲ ୯ରୁ କୁଜଙ୍ଗ ମହୋତ୍ସବ


ପ୍ରସ୍ତୁତି ବୈଠକରେ ଜିଲାପାଳ ଓ ଅନ୍ୟମାନେ।

**କୁଜଙ୍ଗ, ୨୧।୩ (ମନୋଜ ପ୍ରଧାନ)**

ଏପ୍ରିଲ ୯ରୁ ୧୩ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ବ୍ୟାପୀ କୁଜଙ୍ଗ ମହୋତ୍ସବ ଅନୁଷ୍ଠିତ ହେବ। ନାରାୟଣ ବୀରବର ସାମନ୍ତ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ନିମନ୍ତେ ପ୍ରଶାସନିକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କୁଜଙ୍ଗ ପଞ୍ଚାୟତ ସଭାଗୃହରେ ପାରାଦୀପ ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା, ଥାନା ଅଧିକାରୀ ବଂଶୀଧର ପ୍ରଧାନ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତର ଦେବାଶିଷ ସାହୁ, ଅଗ୍ନିଶମ ଅଧିକାରୀ କାର୍ତ୍ତିକ ବିଶ୍ୱାଳ, ଅତିରିକ୍ତ ବିଡିଓ ପ୍ରଶାନ୍ତ କୁମାର ଜେନା, ବ୍ଲକ ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର କାଲୋ, ଜଳ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ମାନସୀ ବେହେରା, ବିଦ୍ୟୁତ ବିଭାଗ ଏସ୍‌ଡିଓ କମଳାକାନ୍ତ ବିଶୋଇ ପ୍ରମୁଖ ଉପସ୍ଥିତ ରହି ମହୋତ୍ସବ ନିମନ୍ତେ ନିଜ ବିଭାଗ ଦାୟିତ୍ୱ ଉପରେ ଆଲୋଚନା କରିଥିଲେ।

ନାରାୟଣ ବୀରବର ସାମନ୍ତ ଟ୍ରଷ୍ଟ ଅଧ୍ୟକ୍ଷ ତଥା ରାଜ୍ୟ ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଏହି ମହୋତ୍ସବ ଅନୁଷ୍ଠିତ ହେବ। ମହୋତ୍ସବରେ ଜନସାଧାରଣ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହେବାକୁ ଅତିରିକ୍ତ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ବିଜୁଳି ଓ ଜଳଯୋଗାଣ କିପରି ନୀରବଚ୍ଛିନ୍ନ ଭାବେ ଜାରି ରହିବ ସେଥିପାଇଁ ବିଭାଗୀୟ ଅଧିକାରୀମାନେ ପ୍ରସ୍ତୁତି ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପାଞ୍ଚଦିନ ବ୍ୟାପୀ ଏହି ମହୋତ୍ସବରେ କେବଳ କୁଜଙ୍ଗର ଐତିହାସିକ ଗରିମା ଓ କୁଜଙ୍ଗର ଗାନ୍ଧୀ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତଙ୍କ ଜିବନାଦର୍ଶ ଉପରେ ସ୍ମୃତି ଚାରଣ କରାଯିବ। ପ୍ରତେହ ସନ୍ଧ୍ୟାରେ ରାଜ୍ୟ ଓ ରାଜ୍ୟ ବାହାରର କଳାକାରଙ୍କ ଦ୍ୱାରା ବିଭିନ୍ନ ପାରମ୍ପାରିକ ନୃତ୍ୟ, ସଙ୍ଗୀତ ପରିବେଷଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ବାଲିଆ ସରପଞ୍ଚ ସରୋଜିନୀ ନାୟକ, ବାଗୋଇ ସରପଞ୍ଚ ପ୍ରଭାଞ୍ଜଳି ସେଠୀ, ନୂଆଗଡ ସରପଞ୍ଚ ଦେବେନ୍ଦ୍ର ରାଉତ , ମନ୍ତ୍ରୀଙ୍କ କୁଜଙ୍ଗ ବ୍ଲକ ପ୍ରତିନିଧି ଦିଲ୍ଲୀପ ବେହେରା, ଯୁବ ନେତା ରାଜେନ୍ଦ୍ର ନାରାୟଣ ଦାସ, ପ୍ରତାପ ଦାସ ଓ ନାରାୟଣ ବୀରବର ସାମନ୍ତ ଟ୍ରଷ୍ଟର କାର୍ଯ୍ୟକାରୀ ଅଧ୍ୟକ୍ଷ ତପନ ସାମନ୍ତରାୟ , ରବୀନ୍ଦ୍ର ନାୟକଙ୍କ ସମେତ ବୁଦ୍ଧିଜୀବୀ ଓ ନିର୍ବାଚିତ ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

# ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

**କେନ୍ଦ୍ରାପଡ଼ା, ୨୧।୩ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳର ଜଣେ ନାବାଳିକା ବଳାତ୍କାର ମାମଲା ନଂ. ୩୮/୨୨ର ଶୁକ୍ରବାର ଫଇସଲା ହୋଇଛି। ଆଡିଶନାଲ ଡିଷ୍ଟ୍ରିକ୍ଟ ଜଜ୍ କମ୍ ସେସନ୍ସ ଜଜ୍ ପ୍ରଜ୍ଞା ପାରମିତା ରାଉଳ ଏହି ପୋକ୍‌ସୋ ମାମଲାର ଶୁଣାଣି କରି ଥାନା ଅନ୍ତର୍ଗତ ଅନନ୍ତ କେଶରୀ ଗ୍ରାମର ସଞ୍ଜୟ ଗିରିଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଜରିମାନା ବାବଦ ୫୦ ହଜାର ଟଙ୍କା ଅନାଦାୟେ ୧ ବର୍ଷ ଜେଲ ହେବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ମାମଲା ପରିଚାଳନାକାରୀ ସ୍ପେଶାଲ ପିପି ଆଇନଜୀବୀ ମନୋଜ ସାହୁ କହିଛନ୍ତି, ୨୦୨୨ ଏପ୍ରିଲ ୨୪ ତାରିଖ ପୂର୍ବାହ୍ନରେ ପୀଡ଼ିତା ଘର ନିକଟସ୍ଥ ଟ୍ୟୁବୱେଲ ନିକଟରେ ଭାତ ରାନ୍ଧିବା ପାଇଁ ଚାଉଳ ଧୋଉଥିଲେ। ସଞ୍ଜୟ ଉକ୍ତ ନାବାଳିକାଙ୍କ ନିକଟକୁ ଆସି ତାଙ୍କୁ ଜୋରଜବରଦସ୍ତ ନିକଟସ୍ଥ ଏକ ନିଛାଟିଆ ଜାଗାକୁ ନେଇ ବଳାତ୍କାର କରିଥିଲେ। ଏଥିରେ ନାବାଳିକା ପାଟି କରିବାରୁ ପରିବାର ସଦସ୍ୟ ଆସି ଯାଇଥିଲେ। ଫଳରେ ସଞ୍ଜୟ ସେଠାରୁ ପଳାଇ ଯାଇଥିଲେ। ଏ ନେଇ ପୀଡିତାଙ୍କ ମାଆ ଥାନାରେ ଅଭିଯୋଗ କରିଥିଲେ। ଥାନା ପୋଲିସ ତଦନ୍ତ ପରେ ସଞ୍ଜୟଙ୍କୁ ଗିରଫ କରିଥିବା ଆଇନଜୀବୀ ସାହୁ ସୂଚନା ଦେଇଛନ୍ତି।

# ଗହୀରମଥାରୁ ଟ୍ରଲର ଜବତ, ୮ ମତ୍ସ୍ୟଜୀବୀ ଗିରଫ



ଜବତ ଟ୍ରଲର ଓ ଗିରଫ ମତ୍ସ୍ୟଜୀବୀ।

**ରାଜନଗର, ୨୧।୩ (ଭାସ୍କର ରାଉତରାୟ)**

ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୮ ଜଣ ମତ୍ସ୍ୟଜୀବୀଙ୍କୁ ଶୁକ୍ରବାର ଗିରଫ କରିଛି। ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଗହୀରମଥାର ଏକକୁଳା ନିକଟରେ ଆଲୋକଜ୍ୟୋତି ନାମକ ଟ୍ରଲରକୁ ଜବତ କରିଥିଲା। ଜବତ ଟ୍ରଲରରୁ ୭ କୁଇଣ୍ଟାଲ ମାଛ, ୧ଟି ଜିପିଏସ, ୩ଟି ଭିଏଚଏଫ୍,୧ଟି ଫିଶ୍‌ଫାଇଣ୍ଡର,୧୩ଟି ଟ୍ରାଲିଂନେଟ ଓ ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଛି। ଟ୍ରଲର ଥିବା ମତ୍ସ୍ୟଜୀବୀମାନେ ହେଲେ ମୋହନ ହାଲଦାର, ରବୀନ୍ଦ୍ର ମଣ୍ଡଳ, ଶକ୍ତିପଦ ମଣ୍ଡଳ, ସଞ୍ଜୟ ମାଇତି, ପବିତ୍ର ମଣ୍ଡଳ, ଶଙ୍କର ଗିରି, ଜୟଦେବ ଦାସ, ଆନନ୍ଦ ମାନାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ମତ୍ସ୍ୟଜୀବୀମାନେ କେନ୍ଦ୍ରାପଡ଼ା ଜିଲା ତାଳଚୁଆ ମେରାଇନ ଥାନା ଓ ରାଜନଗର ଥାନା ଅଞ୍ଚଳର ବୋଲି ଜଣାପଡିଛି।

# ଜାଗା ନ ଛାଡ଼ିବାକୁ ୨ ଜାହାଜକୁ ନିର୍ଦ୍ଦେଶ

**ପାରାଦୀପ,୨୧।୩(ଶରତ ରାଉତ)**

ପାରାଦୀପ ବନ୍ଦର ପୋତାଶ୍ରୟକୁ ପଣ୍ୟ ନେବାକୁ ଆସିଥିବା ୨ ଜାହାଜକୁ ଜାଗା ଛାଡି ନ ଯିବା ପାଇଁ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଜାହାଜ ଦ୍ୱୟ ହେଲା ଏମ୍‌ଭି ଓସିନ ଜାଡେ ଏବଂ ଓସିନ ମୋର୍ଗୋନାଇଟକ୍ଷ ସାମୁଦ୍ରିକ ଚୁକ୍ତିନାମା ଉଲ୍ଲଂଘନ ହୋଇଥିବା ନେଇ ଆଲଫର୍ଡ ମେରିଟାଇମ ଲିମିଟେଡ୍ ନାମକ କମ୍ପାନୀ ଗୁରୁବାର ଓଡିଶା ହାଇକୋର୍ଟରେ ଅଭିଯୋଗ କରିଥିଲେ। ସେଥିରେ ଦର୍ଶାଇଥିଲେ ଯେ, ଉକ୍ତ ଜାହାଜ କମ୍ପାନୀ ତାଙ୍କର ୪୨୮ କୋଟି ଟଙ୍କା ବକେୟା ରଖିଛି। ଉକ୍ତ ଅର୍ଥ ଆଦାୟ କରିବା ପାଇଁ ନୋଟିସ ଦେବାପରେ ମଧ୍ୟ ମିଳୁନାହିଁ। ଦୁଇଦିନ ପାରାଦୀପ ବନ୍ଦର ମଧ୍ୟରେ ଜାହାଜ ରହିଛିକ୍ଷ ଏହି ସମୟ ମଧ୍ୟରେ ଜାହାଜକୁ ଅଟକ ରଖିବା ପାଇଁ ଆଲଫର୍ଡ କମ୍ପାନୀ ପକ୍ଷରୁ ଅପିଲ କରାଯାଇଥିଲା। ବିଚାରପତି ଏମ୍‌ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି ଉଭୟ ଜାହାଜ ନ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଏହି ନିର୍ଦ୍ଦେଶ ବଳରେ କୁଜଙ୍ଗ ସବ୍‌ଜଜ, ମେରାଇନ ପୋଲିସ ଜରିଆରେ ବନ୍ଦର ବର୍ଥରେ ଥିବା ଜାହାଜକୁ ଅଟକ ରଖିବା ପାଇଁ ସରକାରୀ ପଦକ୍ଷେପ ନେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୩୦ରେ ହେବ ବୋଲି ଜଣାପଡ଼ିଛି।

# ସେବା ଶବ୍ଦର ମହାନତା ବ୍ୟାପକ: ପଦ୍ମଶ୍ରୀ ବାବା ବଳିଆ

**କେନ୍ଦ୍ରାପଡ଼ା,୨୧।୩ (ଜଗନ୍ନାଥ ଧଳ)**

ସନାତନ ଧର୍ମରେ ଜାତି ପ୍ରଥାନାହିଁ। ଶୁଦ୍ର ଏକ ଆଳଙ୍କରିକ ଶବ୍ଦ। ଏହା ସେବା ସହିତ ଜଡିତ। ଦେଶର ସେବା ସମସ୍ତଙ୍କ କର୍ତ୍ତବ୍ୟ ସେହିପରି ମାତାପିତାଙ୍କ ହେଉ କିମ୍ବା ଗୁରୁ ଅଥବା ଗୋମାତାଙ୍କ ସେବାରେ ଆମେ ଶୁଦ୍ର ଭାବେ କାର୍ଯ୍ୟକରୁ। ସେବା ଶବ୍ଦର ମହାନତା ବ୍ୟାପକ ବୋଲି କେନ୍ଦ୍ରାପଡ଼ା ବ୍ଲକ ବାରୁଅ ଗ୍ରାମର ଶିଶୁ ଅନନ୍ତ ଆଶ୍ରମରେ ପଦ୍ମଶ୍ରୀ ବାବା ବଳିଆ ଶୁକ୍ରବାର ଆର୍ଶୀବଚନରେ ପ୍ରକାଶ କରିଛନ୍ତି। ପୂର୍ବାହ୍ନରେ ବାବା ବଳିଆ ଆଶ୍ରମ ପରିସରରେ କେତେକ କାର୍ଯ୍ୟକ୍ରମ ଯୋଗଦେବା ସହ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ଆର୍ଶୀବଚନ ଦେଇଥିଲେ। ଏଠାରେ ସେ ପରିବେଶ, ଗଣତନ୍ତ୍ର ଓ ଧର୍ମ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସତସଙ୍ଗର ମହତ୍ତ୍ୱ ସମ୍ପର୍କରେ ଉଲ୍ଲେଖ କରିବା ସହ ଯୁବବର୍ଗ ନିଶାଦ୍ରବ୍ୟ ପରିତ୍ୟାଗ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ସେହିପରି ଅଧୁନା ବୃଦ୍ଧ ମାତାପିତା ସବୁଠୁ ଅଧିକ ଅବହେଳିତ ହେଉଥିବାରୁ ସମସ୍ତଙ୍କୁ ନିଜର ପିତାମାତାଙ୍କ ସେବା କରିବା ନିମନ୍ତେ ଅନୁରୋଧ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ୫ଟି ଗଛର ସୁରକ୍ଷା ପାଇଁ ପରାମର୍ଶ ଦେଇଥିଲେ। ବିମଳ ପରିଡା, ଉପେନ୍ଦ୍ର ପାଢ଼ୀ, ନିରୁପମା ଜେନା, ରଞ୍ଜନ ବରାଳ, ରୂପାଲି ସୂତାର ଏବଂ ସ୍ମୃତିରେଖା ବିଶ୍ୱାଳ ପ୍ରମୁଖ କଳାକାରମାନେ ଶିଶୁ ଅନନ୍ତ ଏବଂ ସିଦ୍ଧ ବଳଦେବଜୀଉଙ୍କ ଉପରେ ଆଧାରିତ ଭଜନ ଓ ନୃତ୍ୟ ପରିବେଷଣ କରିଥିଲେ। ସାଂସଦ ଓ ବିଧାୟକଙ୍କୁ ସେମାନଙ୍କର ସହଯୋଗ ନିମନ୍ତେ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳା ପୁରୁଷ ଯୋଗଦେଇଥିଲେ।

# ଚୋରା କୋଇଲା ବୋଝେଇ ୨ ପିକ୍‌ଅପ୍ ଭ୍ୟାନ୍ ଜବତ

### ୨ ଡ୍ରାଇଭର, ହେଲ୍‌ପର ଫେରାର

**ରାଜକନିକା,୨୧।୩ (ସଞ୍ଜୟ କୁମାର ଦାଶ)**

ଭଦ୍ରକ ଧାମରା ଅଞ୍ଚଳରୁ ପ୍ରାୟ ୫୦ରୁ ୬୦ଟି ପିକଅପ୍ ଭ୍ୟାନରେ କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅଞ୍ଚଳ ଦେଇ ଚୋରା ଅଷ୍ଟ୍ରେଲିଆ କୋଇଲା ଗାଡ଼ି ପାର ହେଉଛି। ପୋଲିସକୁ ଚକମା ଦେଇ ଚୋରା କୋଇଲା ମାଫିଆମାନେ ଖୁଲମଖୁଲା ଗାଡ଼ିଗୁଡ଼ିକୁ ରାଜକନିକାରୁ ପାସ୍ କରାଉଛନ୍ତି। ପୋଲିସ କାଁ ଭାଁ ଗାଡ଼ି ଧରି ମାମଲା ରୁଜୁ କରି ଦାୟିତ୍ୱ ସାରି ଦେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଗୁରୁବାର ମଧ୍ୟରାତ୍ରିରେ ଥାନା ଅଧୀନ କାଳିସିପଡ଼ା ଗାଁ ନିକଟରେ ଚୋରା କୋଇଲା ବୋଝେଇ ପିକଅପ୍ ଭ୍ୟାନ ନଂ. ଓଡି ୦୫ ବିଟି ୪୯୫୮ ଓ ନଂ. ଓଡି ୨୨ ଏକ୍ସ ୦୬୭୮କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସକୁ ଖବର ଦେଇଥିଲେ। ଖବରପାଇ ଆଇଆଇସିଙ୍କ ସମେତ ଏକ ଟିମ୍ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ୨ଟିକୁ ଜବତ କରି ଥାନାକୁ ଆଣିଥିଲେ। ତେବେ ଏହି ୨ଟି ପିକଅପ୍ ଭ୍ୟାନରୁ ପ୍ରାୟ ୮୦ ବସ୍ତା ଅଷ୍ଟ୍ରେଲିଆ ଚୋରା କୋଇଲା ଜବତ ହୋଇଛି। ୨ ଭ୍ୟାନର ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଛନ୍ତି। ଥାନାରେ ୨ଟି ପୃଥକ୍ ପୃଥକ୍ ନଂ: ୧୭୭/୨୫, ୧୭୮/୨୫ରେ ମାମଲା ରୁଜୁ ହୋଇଛି ବୋଲି ଆଇଆଇସି ସଞ୍ଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

ଚୋରା ଅଷ୍ଟ୍ରେଲିଆ କୋଇଲା ସାଧାରଣ କୋଇଲା ମୂଲ୍ୟଠାରୁ ଯଥେଷ୍ଟ ଅଧିକ ହୋଇଥିବାରୁ ବେଆଇନ ଭାବେ ଏହା ଚାଲାଣକୁ ରୋକ ଲଗାଇବାକୁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଆକର୍ଷଣ କରିବାକୁ ସାଧାରଣରେ ଦାବି ହେଉଛି। ଏଥିସହ ଚାନ୍ଦବାଲି-ରାଜକନିକାକୁ ସଂଯୋଗ ସ୍ଥାପନ କରୁଥିବା ବୈତରଣୀ ସେତୁ ନିକଟବର୍ତ୍ତୀ ରାଜକନିକାର ଓସ୍ତିଆ ହନୁମାନ ମନ୍ଦିର ପାଖାପାଖି ଅଞ୍ଚଳରେ ପୋଲିସ ଚେକ୍ ପୋଷ୍ଟ କରିବାକୁ ଦାବି ହେଉଛି। ଏ ନେଇ ସାମାଜିକ କର୍ମୀ ଜିତା ଦାସଙ୍କ ନେତୃତ୍ୱରେ ଅଞ୍ଚଳର ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ୮ତାରିଖରେ ଚୋରା କୋଇଲା ଗାଡ଼ି ଜବତକୁ ନେଇ ଅଞ୍ଚଳର କେତେଜଣ ଯୁବକଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ଲାଗି ରହିଛି। ଏହାକୁ ପ୍ରଶମିତ କରିବାକୁ ଆଇଆଇସିଙ୍କ ଜରିଆରେ କେନ୍ଦ୍ରାପଡ଼ା ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଲିଖିତ ଅଭିଯୋଗ କରିଥିଲେ। ୩ ମାସ ମଧ୍ୟରେ ୮ଟି ଗାଡ଼ିକୁ ପୋଲିସ ଜବତ କରିଥିବା ବେଳେ ଅନ୍ୟଗୁଡିକ କୁଆଡ଼େ ଗଲା ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି।



ଜବତ ହୋଇଥିବା ୨ ଗାଡ଼ି।

# ନିଆଁ ଲାଗି ୨ ବଖରା ଭସ୍ମୀଭୂତ

**ଡେରାବିଶ,୨୧।୩ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ଥାନା ଅନ୍ତର୍ଗତ ବାଲିଆ ପଞ୍ଚାୟତର ଧରମପୁର (ଡାହାଳପୁର) ଗ୍ରାମରେ ଶୁକ୍ରବାର ଅଗ୍ନିକାଣ୍ଡରେ ଅଭୟ କୁମାର ପ୍ରଧାନ ମହାପାତ୍ର ଓ ଅଞ୍ଜନ କୁମାର ପ୍ରଧାନ ମହାପାତ୍ରଙ୍କ ୨ବଖରା ଜଳିଯାଇଛି। ଖବରପାଇ ଡେରାବିଶ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଲିଭାଇଥିଲେ ସୁଦ୍ଧା ସେତେବେଳକୁ ଘରଟି ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଥିଲା। ନିଆଁର ଭୟାବହତା ଏତେ ପ୍ରଖର ଥିଲା ଯେ, ଉଭୟ ପରିବାର ସଦସ୍ୟ ପିନ୍ଧିଥିବା ବସ୍ତ୍ର ବ୍ୟତିତ ଘରୁ କୌଣସି ଜିନିଷ, ଆସବାବପତ୍ର ଏବଂ ଦରକାରୀ କାଗଜପତ୍ର ଉଦ୍ଧାର କରି ପାରି ନ ଥିଲେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣା ପଡି ନ ଥିଲେ ହେଁ ବିଦ୍ୟୁତ ଶର୍ଟସର୍କିଟ ଯୋଗୁ ଏହା ଘଟିଥିବା ନେଇ ସନ୍ଦେହ କରାଯାଉଛି। ବିପନ୍ନ ପରିବାର ପଡୋଶୀଙ୍କ ବାରଣ୍ଡାରେ ଆଶ୍ରୟ ନେଇଛନ୍ତି। ଗୋଲରାହାଟ ରାଜସ୍ୱ ନିରୀକ୍ଷକ ଅଗ୍ନିକାଣ୍ଡ ସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରି ଉଭୟ ପରିବାରକୁ ପାଲ ଯୋଗାଇ ଦେଇଛନ୍ତି। ଉଭୟ ଅଗ୍ନି ବିପନ୍ନ ଭାଇଙ୍କୁ ତୁରନ୍ତ ସରକାରୀ ଘର ଯୋଗାଇଦେବାକୁ ସରପଞ୍ଚ ପ୍ରବୀର କୁମାର ସିଂହ, ସମିତିସଭ୍ୟ ସସ୍ମିତା ବଳ, ସୁଜିତ ବଳଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

# ଓଡ଼ିଶା ରାଜନୀତିରେ ଡା. ପ୍ରଧାନ ଜଣେ ସଫଳ ବ୍ୟକ୍ତିତ୍ୱ


ସ୍ମୃତିସଭାରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

**କେନ୍ଦ୍ରାପଡ଼ା, ୨୧।୩ (ଜଗନ୍ନାଥ ଧଳ)**

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନଙ୍କ ପରଲୋକରେ କେନ୍ଦ୍ରାପଡ଼ା ସହର ଗୋପସ୍ଥିତ କମଳ ଭବନ ପରିସରରେ ସ୍ମୃତିସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ହୃଷୀକେଶ ରଥଙ୍କ ସଞ୍ଚାଳନରେ ଅନୁଷ୍ଠିତ ସଭାରେ ଡା. ପ୍ରଧାନ ଓଡ଼ିଶା ରାଜନୀତିରେ ଜଣେ ପ୍ରେରଣାଦାୟୀ ତଥା ସଫଳ ବ୍ୟକ୍ତିତ୍ୱ ବୋଲି ଆଲୋଚକମାନେ ମତ ରଖିଥିଲେ। ଏଥିରେ ବରିଷ୍ଠ ଭାଜପା ନେତା ଭୁବନ ମୋହନ ଜେନା, ପଣ୍ଡିତ ସର୍ବେଶ୍ୱର ମିଶ୍ର, ଆଇନଜୀବୀ ଦୁର୍ଯ୍ୟୋଧନ ସାହୁ, ଡା. ପ୍ରଧାନଙ୍କ ସହଯୋଗୀ ହରିଶ ଜେନା, ଶିକ୍ଷାବିତ୍ ଅଜୟ କୁମାର ସାମଲ ପ୍ରମୁଖ ମତ ରଖିଥିଲେ। ସେମାନେ କହିଥିଲେ, କୃଷକ ପରିବାରରେ ଜନ୍ମ ଗ୍ରହଣ କରି ଡା. ପ୍ରଧାନ ଚିକିତ୍ସା ସେବାରେ ବ୍ରତୀ ଥିଲେ। ପରବର୍ତ୍ତୀ ସମୟରେ ଭାଜପାରେ ଯୋଗଦେଇ ବ୍ଲକ ସଭାପତି, ରାଜ୍ୟ ସଭାପତିରୁ ରାଷ୍ଟ୍ରୀୟ ଉପସଭାପତି ଭାବେ କାର୍ଯ୍ୟ କରି ସାଙ୍ଗଠନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ କେନ୍ଦ୍ରମନ୍ତ୍ରୀ ମଣ୍ଡଳରେ ଡା. ପ୍ରଧାନ ଭୂପୃଷ୍ଠ ପରିବହନ ଓ କୃଷି ମନ୍ତ୍ରୀ ହୋଇ ଓଡ଼ିଶାର ବିକାଶର ଚିତ୍ରକୁ ଅଗ୍ରଗତି ଦେଇଥିଲେ। ତାଙ୍କ ମନ୍ତ୍ରିତ୍ୱ ସମୟରେ ଜାତୀୟ ରାଜପଥ ନିର୍ମାଣ, ବନ୍ଦର ବିକାଶ ଓ କୃଷି ବିକାଶର ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରିଥିଲେ। ଡା. ପ୍ରଧାନଙ୍କ ବଳିଷ୍ଠ ନେତୃତ୍ୱ ଓ ବିଚାର ପାଇଁ ସର୍ବଦା ଓଡ଼ିଶାବାସୀଙ୍କ ହୃଦୟରେ ରହିବେ ବୋଲି ଆଲୋଚକମାନେ ପ୍ରକାଶ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ସରୋଜକାନ୍ତ ସାହୁ, ସାହିତ୍ୟିକ ସରୋଜ ମହାନ୍ତି, ପବିତ୍ର ପରିଡା, ନୀଳମଣି ସାହାଣୀ, ରୋଜାଲିନ ମହାନ୍ତି, ଉମେଶ ଦାସ, ଗୋଲେଖ ଚନ୍ଦ୍ର ପଢ଼ିଆରୀ, ବିବେକାନନ୍ଦ ମହାରଣା, ରବିନାରାୟଣ ଶତପଥୀ, ସଚ୍ଚିଦାନନ୍ଦ ବେହେରା ପ୍ରମୁଖ ଡା. ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ। ଏହି ସଭାକୁ ପ୍ରସନ୍ନ କୁମାର ପରିଡା ପରିଚାଳନା କରିଥିଲେ।

# ବୃକ୍ଷରୋପଣ, ପରିବେଶ, ଜଙ୍ଗଲ ସୁରକ୍ଷାକୁ ଗୁରୁତ୍ୱ

**ରାଜନଗର, ୨୧।୩ (ଭାସ୍କର ରାଉତରାୟ)**

### ଡାଙ୍ଗମାଳଠାରେ ଜିଲାସ୍ତରୀୟ ବିଶ୍ୱ ବନ ଦିବସ

ଜଳବାୟୁ ପରିବର୍ତ୍ତନ ଏବେ ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। ବ୍ୟାପକ ଜଙ୍ଗଲ କ୍ଷୟ ସାଙ୍ଗକୁ ପରିବେଶ ନଷ୍ଟ ଯୋଗୁ ଜୈବ ବିବିଧତା ଲୋପ ପାଇବାକୁ ବସିଛି। ଜଳବାୟୁରେ ଅନିୟମିତତା ଏଡାଇବାକୁ ଏବେଠାରୁ ବ୍ୟାପକ ବୃକ୍ଷରୋପଣ ସହ ଜଙ୍ଗଲ ସୃଷ୍ଟି ପାଇଁ ସମସ୍ତେ ଶପଥ ନେବାକୁ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ରାଜନଗର ବନଖଣ୍ଡ (ବନ୍ୟଜୀବ) ଡିଭିଜନ ପକ୍ଷରୁ ଜିଲାସ୍ତରୀୟ ବିଶ୍ୱ ବନ ଦିବସ କନିକା ରେଞ୍ଜର ଡାଙ୍ଗମାଳଠାରେ ଅନୁଷ୍ଠିତ ହୋଇଯାଇଛି। ଏସିଏଫ୍ ମାନସ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବିଶ୍ୱ ବନ ଦିବସରେ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ମୁଖ୍ୟଅତିଥି, ଖବରଦାତା ଭାସ୍କର ରାଉତରାୟ, ଅତିରିକ୍ତ ବନ ସଂରକ୍ଷକ ପୁନମ ହୀରା ହାଁସଦା, ଗଗନ ବିହାରୀ ମଲ୍ଲିକ, ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ବ୍ୟାପକ ବୃକ୍ଷରୋପଣ ସହ ପରିବେଶ ଓ ଜଙ୍ଗଲର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଭିତରକନିକା ଓ ଗହୀରମଥାରେ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବନ କର୍ମଚାରୀ ମନୋରଞ୍ଜନ ବେହେରା, ବିଭୂତି ତରାଇ, ଅଲେଖ ପରିଡା, ଚନ୍ଦ୍ରକାନ୍ତ ଦାସଙ୍କୁ ମାନପତ୍ର ସହ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ପରିବେଶ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବାକୁ ହାଇସ୍କୁଲର ଛାତ୍ରୀଛାତ୍ରମାନେ ଚିତ୍ରାଙ୍କନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।


ଜିଲାସ୍ତରୀୟ ବିଶ୍ୱ ବନ ଦିବସ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

# ରାଜ୍ୟରେ ମହିଳା ନିର୍ଯାତନା ଚିନ୍ତାଜନକ

- ବିଜେଡି, ଭାଜପା ବିରୋଧରେ ଗର୍ଜିଲା କଂଗ୍ରେସ
- ୨୭ରେ ବିଧାନସଭା ଘେରାଉ
- ରାଜ୍ୟର ବିଭିନ୍ନ ଥାନାରେ ୫୪ ସଙ୍ଗିନ ମାମଲା

ଜଗତ୍‌ସିଂହପୁର, ୨୧।୩ (ପ୍ରମୋଦ କୁମାର ନାୟକ)



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃମଣ୍ଡଳୀ।

ଓଡ଼ିଶାରେ ମହିଳା ଅତ୍ୟାଚାର ଆଶାତୀତ ଭାବେ ବଢ଼ିଚାଲିଛି। ଯେଉଁ କାରଣରୁ ଏ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ୪ର୍ଥ ସ୍ଥାନରେ ପହଞ୍ଚିଛି। ପ୍ରତି ୧ ଲକ୍ଷ ମହିଳାଙ୍କ ମଧ୍ୟରେ ରାଜ୍ୟରେ ୧୧୨.୯ ଜଣ ଅତ୍ୟାଚାରିତ ହେଉଛନ୍ତି। ଓଡ଼ିଶାରେ ୮ ମାସ ହେବ ଶାସନ ଭାର ନେଇଥିବା ଭାଜପା ସରକାର ଏହାକୁ ନିୟନ୍ତ୍ରଣ କରିବା କ୍ଷେତ୍ରରେ ବିଫଳ ହେଉଛି। ଏହି ୮ ମାସ ମଧ୍ୟରେ ରାଜ୍ୟର ବିଭିନ୍ନ ଥାନାରେ ୫୪ ବଳାତ୍କାର, ଗଣ ବଳାତ୍କାର ଓ ହତ୍ୟା ଆଦି ମାମଲା ରୁଜୁ ହୋଇଛି। ରାଜ୍ୟରେ ମହିଳାମାନଙ୍କ ପ୍ରତି ହେଉଥିବା ଧର୍ଷଣ ଅପରାଧ ହାର ୧୨.୯ରେ ପହଞ୍ଚିଲାଣି, ଏହା ଏକ ଚିନ୍ତାଜନକ କଥା। ଶୁକ୍ରବାର ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ସର୍କିଟ ହାଉସ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହା କୁହାଯାଇଛି।

ଦଳ ଜିଲା ସଭାପତି ନଟବର ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀନିବାସ ରାଉତରାୟ ଓ ଗିରିବାଳା ବେହେରା ପ୍ରମୁଖ ଯୋଗଦେଇ ଉଭୟ ବିଜେଡି ଓ ଭାଜପା ଉପରେ ବର୍ଷିଥିଲେ। ସେମାନେ କହିଥିଲେ, ବିଜେଡି ସରକାର ଅମଳରେ ଯାହା ହୋଇଥିଲା ଭାଜପା ସରକାର ଆସିଲା ପରେ ଆଉ ସେଭଳି ଘଟିବ ନାହିଁ ବୋଲି ଆଶା କରାଯାଉଥିଲା। କିନ୍ତୁ ସେଭଳି ଅନୁଭବ ହେଉନାହିଁ, କାରଣ ରାଜ୍ୟରେ ୮ ମାସରେ ୧୬୦୦ ମହିଳାଙ୍କ ପ୍ରତି ଅତ୍ୟାଚାର ହୋଇଥିବା ଅଭିଯୋଗ ହୋଇଛି। ଏହା ବିରୋଧରେ ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ଆହ୍ୱାନକ୍ରମେ ଆସନ୍ତା ୨୭ରେ ବିଧାନସଭା ଘେରାଉ କାର୍ଯ୍ୟକ୍ରମ ରହିଛି। ଏଥିରେ ଜଗତ୍‌ସିଂହପୁର ଜିଲାର ବହୁ ସଂଖ୍ୟକ କଂଗ୍ରେସ ନେତା ଓ କର୍ମୀ ସାମିଲ ହେବେ ବୋଲି କୁହାଯାଇଛି। କଂଗ୍ରେସ ନେତାମାନେ କହିଥିଲେ, କେନ୍ଦ୍ର ସରକାର ବେଟି ବଢ଼ାଓ, ବେଟି ବଚାଓ ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ ତାହା ବାସ୍ତବ ଲକ୍ଷ୍ୟ ପୂରଣ କରିପାରୁନାହିଁ। ଏକାଧିକ ଛାତ୍ରୀ ଗର୍ଭବତୀ ହେବା, ପ୍ରସବ କରିବା ଘଟଣା ରାଜ୍ୟବାସୀଙ୍କୁ ଘୋର ଆଘାତ ଦେଇଛି। ଏଥିସହ ଝିଅମାନଙ୍କୁ ଅସଦାଚରଣ, ବଳାତ୍କାର, ହତ୍ୟା ଉଦ୍ୟମ, ଏପରି କି ହତ୍ୟା କରିବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି। କେନ୍ଦ୍ର ସରକାରଙ୍କ ଏନ୍‌ସି ଆର୍‌ବି ରିପୋର୍ଟ ୨୦୨୫ ଅନୁଯାୟୀ ବଳାତ୍କାର ମାମଲା ୨୦୨୪ ତୁଳନାରେ ଚଳିତବର୍ଷ ୧.୧% ବୃଦ୍ଧି ପାଇଛି। ସେହିପରି ଅପହରଣ ମାମଲା ୫.୧% ବଢ଼ିଛି। ରାଜ୍ୟରେ ୫ ବର୍ଷରେ ୩୬,୪୨୦ ମହିଳା ଓ ୬୪୦୩ ଶିଶୁ ନିଖୋଜ ହୋଇଛନ୍ତିକ୍ଷ ୪୧୨ ଜଣ ମହିଳା ଦେଶର ବିଭିନ୍ନ ରାଜ୍ୟକୁ ଚାଲାଣ ହୋଇଛନ୍ତି। ପ୍ରତିଦିନ ଅନ୍ୟୁନ ୭ ଜଣରୁ ଅଧିକ ମହିଳାଙ୍କ ପାଶବିକ ଅତ୍ୟାଚାର ହେଉଛି। ଗତ ୨ ସପ୍ତାହ ମଧ୍ୟରେ ୨ଟି ଲୋମହର୍ଷଣକାରୀ ଘଟଣା ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି। ରାଜ୍ୟ ସରକାର ଏହା ଉପରେ କଠୋର ପଦକ୍ଷେପ ନେବା ପରିବର୍ତ୍ତେ କଂଗ୍ରେସ ବିଧାୟକମାନଙ୍କୁ ବିଧାନସଭାରେ ମାଡ ମାରିବା ପ୍ରକାରାନ୍ତରେ ଗଣତନ୍ତ୍ରର କଣ୍ଠରୋଧ କରାଯାଉଛି। ରାଜ୍ୟ ସରକାର ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ସଶକ୍ତ କରୁଥିବାର ଡିଣ୍ଡିମ ପିଟୁଥିବାବେଳେ ନିର୍ଯ୍ୟାତନା ଉପରେ ଅଙ୍କୁଶ ଲଗାଇବାକୁ ଅସମର୍ଥ ହେବା ଚିନ୍ତାର କାରଣ ହୋଇଛି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀନେତ୍ରୀ ପ୍ରତିମା ମଲ୍ଲିକ, ପାରାଦୀପ ନେତା ନିରଞ୍ଜନ ନାୟକ, ବାଲିକୁଦା-ଏରସମା ନେତା ନଳିନୀ କୁମାର ସ୍ୱାଇଁ, ତିର୍ତ୍ତୋଲର ଦେବୀ ପ୍ରସାଦ ନାୟକ, ବିକ୍ରମ କିଶୋର ପରିଡ଼ା, ମହନି ଚରଣ ରାଉତ, ଅଶୋକ ଜେନା, ଦେବହୁତି ପୃଷ୍ଟି, ସର୍ବେଶ୍ୱର ପଣ୍ଡା, ସମୀର କୁମାର ବସ୍ତିଆ, ଇମତିଆଜ ଅହମ୍ମଦ ଖାନ୍, ଅପର୍ଣ୍ଣା ମହାପାତ୍ର, ବନଲତା ସ୍ୱାଇଁ, ସାଇ ପ୍ରଭଞ୍ଜନ ମହାପାତ୍ର ଓ ସୌମ୍ୟରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଲିସ-ପବ୍ଲିକ୍ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ପାରାଦୀପ, ୨୧।୩ (ଶରତ ରାଉତ)

ସାଧାରଣ ଲୋକ, ମତ୍ସ୍ୟଜୀବୀ ଓ ପୋଲିସ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ପାଇଁ ପାରାଦୀପ ମେରାଇନ ପୋଲିସ ପକ୍ଷରୁ ଶୁକ୍ରବାର ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଆୟୋଜନ କରାଯାଇଥିଲା। ସ୍ଥାନୀୟ ନେହେରୁବଙ୍ଗଳା ପୁରୁଣା ସିଆଇଏସଏଫ ଅଭ୍ୟାସ ପଡ଼ିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଏସ୍‌ପି ସ୍ମୃତିରଞ୍ଜନ କର, ମେରାଇନ ଥାନାଧିକାରିଣୀ ବବିତା ଦେହୁରୀ, ଓମ୍ଫା ସଭାପତି ଶ୍ରୀକାନ୍ତ ପରିଡ଼ା, ସମ୍ପାଦକ ଅରବିନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ନାମ ଥିଲା କୋଷ୍ଟାଲ କମ୍ୟୁନିଟି ଫେଷ୍ଟିଭାଲ। ଏଥିରେ ସ୍ଥାନୀୟ ଯୁବକ, ମତ୍ସ୍ୟଜୀବୀ ଓ ପୋଲିସ ମଧ୍ୟରେ ୪ଟି ମ୍ୟାଚ ଆୟୋଜନ କରାଯାଇଥିଲା।

# ଚୋରି ଅଭିଯୋଗରେ ଜରିଗୋଟାଳି ଗିରଫ

ବୈଶିଙ୍ଗା,୨୧।୩(ରତନ ଦାଶ): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥରୁ ଚୋରି ଅଭିଯୋଗରେ ପୋଲିସ ଶୁକ୍ରବାର ଅପରାହ୍ନ ୩ଟାରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ, ବାଲେଶ୍ୱର ସହରର ଅରଡ ବଜାର ଅଞ୍ଚଳର ସେକ ହବିବ ଏକ ଟ୍ରଲିରେ ତାଙ୍କ ସ୍ତ୍ରୀଙ୍କୁ ନେଇ ପ୍ରତିଦିନ ବୈଶିଙ୍ଗା ବଜାର ଓ ପାଖଆଖ ଅଞ୍ଚଳରେ ପଲିଥିନ ଜରି, ଭଙ୍ଗା ଟିଣ, କାଗଜ ପେଟି ଆଦି ରାସ୍ତା ପାର୍ଶ୍ୱରୁ ଗୋଟାଇ ନେଇ ଜୀବିକା ନିର୍ବାହ କରିଥାଆନ୍ତି। ଶୁକ୍ରବାର ସକାଳେ ୧୮ ନଂ. ଜାତୀୟ ରାଜପଥର ରଙ୍ଗାମାଟିଆ ଛକ ନିକଟରେ ରାସ୍ତା ଉପରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଜନସାଧାରଣଙ୍କ ସୁରକ୍ଷା ପାଇଁ ରଖିଥିବା ବଡ଼ବଡ଼ ଲୁହା ଚେକ ପୋଷ୍ଟଗୁଡ଼ିକୁ ନିଜ ଟ୍ରଲି ରିକ୍ସାରେ ବୋହିନେଇ ପଳାଇ ଯାଉଥିବା ବେଳେ ରାଜପଥ କର୍ମଚାରୀମାନେ ଧରି ପୋଲିସକୁ ହସ୍ତାନ୍ତର କରିଥିଲେ। ଏ ସଂକ୍ରାନ୍ତରେ ବୈଶିଙ୍ଗା ପୋଲିସ ଏକ ମାମଲା(ନଂ.୧୨୦/୨୫) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ତେବେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବାରିପଦା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ହେବ ୪ ଗ୍ରାମ୍ୟ ରାସ୍ତା

## ସେତୁ ବନ୍ଧନ ଯୋଜନାରେ ଶ୍ରୀରାମପୁର ପାଲପାଟଣା ସେତୁ

ରାଜନଗର,୨୧।୩(ଭାସ୍କର ରାଉତରାୟ)

ରାଜନଗର ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ନିର୍ମାଣ ହେବ ୧୬ କି.ମି. ୧୦୦ମିଟର ୪ଟି ଗ୍ରାମ୍ୟ ରାସ୍ତା ନିର୍ମାଣ ହେବ। ଏଥିଲାଗି ୨୫ କୋଟି ୨୭ ଲକ୍ଷ ୭୦ ହଜାର ଟଙ୍କା ଅନୁଦାନରେ ରହିଛି। ଏଥିସହ ସେତୁ ବନ୍ଧନ ଯୋଜନାରେ ଶ୍ରୀରାମପୁର ପାଲପାଟଣା ସେତୁ ନିର୍ମାଣ ହେବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାସ୍ତା ଓ ସେତୁ ନିର୍ମାଣ ପାଇଁ ରାଜନଗର ବିଧାୟକ ଧ୍ରୁବ ସାହୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ। ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧୮ ତାରିଖରେ ରାଜ୍ୟରେ ୭୫ଟି ରାସ୍ତା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା ମଧ୍ୟରେ ରାଜନଗର ନିର୍ବାଚନ ମଣ୍ଡଳୀର ୪ଟି ରାସ୍ତା ନିର୍ମାଣ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ସାନବଡ଼ ଗୋପାଳପୁରଠାରୁ କୁଶାଇଲୋ ୫କି.ମି. ରାସ୍ତା ୭ କୋଟି ୮୫ ଲକ୍ଷ ଟଙ୍କା, ରାଜନଗରରୁ ସାତଭାୟା ୫କି.ମି. ୬୦୦ ମିଟର ରାସ୍ତା ୮ କୋଟି ୭୯ ଲକ୍ଷ ୨୦ ହଜାର ଟଙ୍କା, ମଦନପୁରରୁ ବଳଭଦ୍ରପୁର ୩ କି.ମି. ରାସ୍ତା ୪ କୋଟି ୭୧ ଲକ୍ଷ, ନିମପୁର ଶାସନ ୨ କି.ମି. ୫୦୦ ମିଟର ରାସ୍ତା ୩ କୋଟି ୯୨ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନରେ ନିର୍ମାଣ ହେବ। ଏଥିସହ ସେତୁ ବନ୍ଧନ ଯୋଜନାରେ ରାଜ୍ୟରେ ୮୭ଟି ସେତୁ ନିର୍ମାଣ ହେବ। ସେଥି ମଧ୍ୟରେ ରାଜନଗର ନିର୍ବାଚନମଣ୍ଡଳୀର ବ୍ରାହ୍ମଣୀ ନଦୀ ଉପରେ ଶ୍ରୀରାମପୁରଠାରୁ ପାଲପାଟଣା ଯାଏ ୩୮୦ ମିଟର ଲମ୍ବର ସେତୁ ନିର୍ମାଣ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ୪ଟି ରାସ୍ତା ଓ ସେତୁ ନିର୍ମାଣ ପାଇଁ ରାଜନଗର ଓ ପଟ୍ଟାମୁଣ୍ଡାଇବାସୀ ଦୀର୍ଘଦିନ ହେଲା ଦାବି କରି ଆସୁଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି।

# ଜାତୀୟ ନାଟକ ମହୋତ୍ସବ: ତୃତୀୟ ସନ୍ଧ୍ୟାରେ 'ରୁଦାଲି' ମଞ୍ଚସ୍ଥ


ନାଟକ ରୁଦାଲିର ଏକ ଦୃଶ୍ୟରେ କଳାକାରମାନେ ଅଭିନୟ କରୁଛନ୍ତି।

ପାରାଦୀପ,୨୧।୩ (ଶରତ ରାଉତ)

କାନମାସ ପକ୍ଷରୁ ଚାଲିଥିବା ୨୨ ତମ ଜାତୀୟ ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ହିନ୍ଦୀ ନାଟକ ରୁଦାଲି ମଞ୍ଚସ୍ଥ ହୋଇଛି। ଦିଲ୍ଲୀର ସମୂଖ ନୂଆମଣ୍ଡଳୀ ଦ୍ୱାରା ଆୟୋଜିତ ଏବଂ ଅରବିନ୍ଦ ସିଂହଙ୍କ ନିର୍ଦ୍ଦେଶିତ ଏହି ନାଟକରେ ରାଜସ୍ଥାନର ସାମାଜିକ ପ୍ରଥା ପ୍ରଦର୍ଶିତ ହୋଇଥିଲା। ଏହି ପ୍ରଥା ହେଲା ରୁଦାଲି। ଶବଦାହ ସମୟରେ କାନ୍ଦିବା ପାଇଁ ଯେଉଁ ମହିଳା ଆସିଥାନ୍ତି ସେମାନଙ୍କୁ ରୁଦାଲି କୁହାଯାଏ। ବୃତ୍ତିଗତ ଶୋକାକାରୀଙ୍କୁ କିପରି ଭିନ୍ନ ଶବ ପାଇଁ କାନ୍ଦଣା ରହୁଛି ସେହି ଘଟଣାକୁ ନେଇ ନାଟକ ଗତିଶୀଳ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ କୋଷ୍ଟଗାର୍ଡ ଡିଆଇଜି ସଞ୍ଜୟ ନେଗୀ, ବନ୍ଦର ଅର୍ଥ ପରାମର୍ଶ ଅଧିକାରୀ ଧର୍ମେନ୍ଦ୍ରନାଥ ସୋନ୍ଧି, ଏଏମ୍‌ଏନ୍‌ଏସ୍ ନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି ଉପସ୍ଥିତ ଥିଲେ।

# ଜମି ଅଧିଗ୍ରହଣ ନିମନ୍ତେ ବୈଠକ: ରାଜି ହେଲେନି ଚାଷୀ

କୁଜଙ୍ଗ,୨୧।୩ (ମନୋଜ ପ୍ରଧାନ)

ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପର ଟାଉନଶିପ ନିର୍ମାଣ ନିମନ୍ତେ ଆବଶ୍ୟକ ନୂଆଗାଁ, ଗଡ଼କୁଜଙ୍ଗ ମୌଜାର ପାଖାପାଖି ୪ ଶହ ଏକରରୁ ଊର୍ଦ୍ଧ୍ୱ ଜମି ଆବଶ୍ୟକ। ଏହି ଜମି ଅଧିଗ୍ରହଣ ପାଇଁ ନୂଆଗାଁ ସିଦ୍ଧ ଗୁମ୍ଫାଠାରେ କମ୍ପାନୀ ପକ୍ଷରୁ ଚାଷୀମାନଙ୍କ ସହ ଏକ ବୈଠକ ଶୁକ୍ରବାର ଆୟୋଜନ କରାଯାଇଥିଲା। ଏହାକୁ ଚାଷୀମାନେ ବିରୋଧ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ପୂର୍ବରୁ ପ୍ରଶାସନ ତରଫରୁ ଏନେଇ ପୂର୍ବରୁ ଏକ ବୈଠକ ଆୟୋଜନ କରାଯାଇଥିଲା। ସେଥିରେ ସେମାନେ ଜମି ଦେବେ ନାହିଁ ବୋଲି କହିଥିଲେ। ହେଲେ ପରବର୍ତ୍ତୀ ସମୟରେ କ୍ଷତିଗ୍ରସ୍ତ ହେବାକୁ ଯାଉଥିବା ଚାଷୀଙ୍କ ସହ ପ୍ରଶାସନ ପକ୍ଷରୁ କୌଣସି ଆଲୋଚନା କରାଯାଇ ନାହିଁ। ସେଥିପାଇଁ ସେମାନେ ଏହି ପ୍ରସ୍ତାବରେ ରାଜି ନୁହନ୍ତି ବୋଲି କହିଥିଲେ। ଏହି ବୈଠକରେ ଅସିତ ସ୍ୱାଇଁ, ସ୍ମୃତି ରଞ୍ଜନ ମନ୍ତ୍ରୀ, ଅନ୍ନଦା ପ୍ରସାଦ ରାଉତ, ବିଷ୍ଣୁ ଚରଣ ଲେଙ୍କା ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ ।

ଏ ସମ୍ପର୍କରେ କମ୍ପାନୀର ଜନୈକ ଅଧିକାରୀ କହିଛନ୍ତି, ଚାଷୀଙ୍କ ସହମତି ପାଇଁ ଏହି ବୈଠକରେ ଡକାଯାଇଥିଲା। ଲୁଚା ଛପାରେ କୌଣସି କାର୍ଯ୍ୟ ହେଉନାହିଁ। ଯେଉଁ ଚାଷୀ ଇଚ୍ଛା ପ୍ରକାଶ କରିବେ ସେମାନଙ୍କ ସହମତି ଅଣାଯିବ। କାହା ଇଚ୍ଛା ବିରୋଧରେ ସହମତି ହାସଲ ପାଇଁ କମ୍ପାନୀ ପକ୍ଷରୁ ଉଦ୍ୟମ ହେଉ ନାହିଁ ବୋଲି ସେ କହିଛନ୍ତି।


ବୈଠକରେ ଯୋଗଦେଇଥିବା ଚାଷୀ ଓ କମ୍ପାନୀ ଅଧିକାରୀମାନେ।

# ଡା. ସୁଚାରୁହାସିନୀଙ୍କ ରୋଗୀସେବା ସମସ୍ତଙ୍କ ମନେ ରହିବ

ପଟ୍ଟାମୁଣ୍ଡାଇ,୨୧।୩ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଡା. ସୁଚାରୁହାସିନୀ ପାତ୍ରଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମଞ୍ଚର ସଦସ୍ୟମାନେ ଉପସ୍ଥିତ ରହି ଡା. ସୁଚାରୁହାସିନୀଙ୍କ ପଟ୍ଟାମୁଣ୍ଡାଇ ବିକାଶ କ୍ଷେତ୍ରରେ ଭୂମିକା, ନିଃସ୍ୱାର୍ଥପର ରୋଗୀସେବା ସର୍ବୋପରି ସ୍ନେହଶୀଳା ମହିୟସୀ ମହିଳା ଭାବେ ଲୋକପ୍ରିୟତା ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସଭା ଆରମ୍ଭରେ ଡା. ପାତ୍ରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ପୂର୍ବତନ ପ୍ରଶାସନିକ ଅଧିକାରୀ ଡ. କେଳୁ ଚରଣ ସ୍ୱାଇଁ, ପ୍ରଫେସର କୈଳାସ ଚନ୍ଦ୍ର ପାତ୍ର, ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ପ୍ରଫେସର ପରିକ୍ଷିତ ପାତ୍ର, ପ୍ରଫେସର ଗୋଲେଖ ଚନ୍ଦ୍ର ମହାରଣା, ପ୍ରଫେସର ଡ. ନରହରି ଲେଙ୍କା, ଶିକ୍ଷାବିତ କସ୍ତୁରି ଚରଣ ସ୍ୱାଇଁ, ବିଜୟ ସାହୁ, ଚତୁର୍ଭୁଜ ରାଉଳ, ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ଶିକ୍ଷାବିତ୍ ସଚ୍ଚିଦାନନ୍ଦ ଦାସ, ଇଂ. ତ୍ରିଲୋଚନ ସୂତାର, ଇଂ. ତପନ ପାତ୍ର, ବ୍ରଜ କିଶୋର ପଣ୍ଡା, ପ୍ରଫୁଲ୍ଲ ପ୍ରଧାନ, ଗନ୍ଧର୍ବ ଲେଙ୍କା ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଶେଷରେ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# କେନ୍ଦ୍ରାପଡ଼ା କଲେଜକୁ ବିଶ୍ୱବିଦ୍ୟାଳୟ କରାଯାଉ

ପଟ୍ଟାମୁଣ୍ଡାଇ,୨୧।୩ (କଳ୍ପତରୁ ନାୟକ)

ଜାତୀୟ ଓ ରାଜ୍ୟସ୍ତରରେ କେନ୍ଦ୍ରାପଡ଼ାର ସ୍ୱତନ୍ତ୍ର ପରିଚୟ ରହିଛି। କେନ୍ଦ୍ରାପଡ଼ାରୁ ପ୍ରତିନିଧିତ୍ୱ କରି ବହୁ ନେତା ଜାତୀୟ ଓ ରାଜ୍ୟ ରାଜନୀତିରେ ପ୍ରତିଷ୍ଠା ଲାଭ କରି ପ୍ରଭାବ ବିସ୍ତାର କରିଛନ୍ତି। ପାନୀୟ ଜଳ ପରିଚାଳନା କ୍ଷେତ୍ରରେ ସମଗ୍ର ବିଶ୍ୱରେ କେନ୍ଦ୍ରାପଡ଼ାର ଉପସ୍ଥିତି ରହିଛି। ଜିଲାରେ ମନଲୋଭା ପ୍ରାକୃତିକ ପରିବେଶ, ବିଶାଳ ବେଳାଭୂମି ସହ ସମସ୍ତ ଭିତ୍ତିଭୂମି ସତ୍ତ୍ୱେ ଶିଳ୍ପ ପ୍ରତିଷ୍ଠା ହୋଇପାରିଲା ନାହିଁ। ଜାତୀୟ ଓ ରାଜ୍ୟ ରାଜନୀତିକୁ ଓଲଟପାଲଟ କରୁଥିବା ନେତୃତ୍ୱ କେନ୍ଦ୍ରାପଡ଼ାରୁ ପ୍ରତିନିଧିତ୍ୱ କରୁଥିବା ବେଳେ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ସତେ ଯେମିତି ପଦ୍ମ ଘୁଞ୍ଚ ଘୁଞ୍ଚ ଯାଉଛି। ଯାହାଫଳରେ କର୍ମସଂସ୍ଥାନ ନ ପାଇ ଜିଲାର ପିଲାମାନେ ରାଜ୍ୟ ବାହାରେ ଦାଦନ ଖଟୁଛନ୍ତି। ଓଡ଼ିଶାର ସ୍ୱାସ୍ଥ୍ୟ ସେବାର ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଅଧିକାଂଶ ଜିଲାରେ ମେଡିକାଲ କଲେଜ ଖୋଲାଯାଇଛି। ମାତ୍ର କେନ୍ଦ୍ରାପଡ଼ା ଜିଲାରେ ଖୋଲିନାହିଁ। ଜିଲାକୁ ସମୃଦ୍ଧଶାଳୀ କରିବାକୁ ସ୍ୱାସ୍ଥ୍ୟ, ଉଚ୍ଚଶିକ୍ଷାର ଭିତ୍ତିଭୂମି ବିକାଶ ଅତ୍ୟନ୍ତ ଜରୁରୀ। ଓଡ଼ିଶାର ସର୍ବପୁରାତନ କଲେଜ ଭାବେ କେନ୍ଦ୍ରାପଡ଼ାର ଖ୍ୟାତି ଓ ଗୌରବ ରହିଛି। ଓଡ଼ିଶାର ବିଭିନ୍ନ ଜିଲାରେ ଥିବା ବହୁ ପୁରାତନ କଲେଜ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ଉଚ୍ଚଶିକ୍ଷାର ଭିତ୍ତିଭୂମି ସୁଦୃଢ଼ ହୋଇସାରିଛି। ଏହାସତ୍ତ୍ୱେ ଜିଲାର ଛାତ୍ରୀଛାତ୍ରମାନେ ବହୁ ଖର୍ଚ୍ଚାନ୍ତ ହୋଇ ବାହାରେ ଉଚ୍ଚଶିକ୍ଷା ଲାଭ କରୁଛନ୍ତି। କେନ୍ଦ୍ରାପଡ଼ା ଜିଲାବାସୀଙ୍କ ସମୂହ ସ୍ୱାର୍ଥ ଓ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କେନ୍ଦ୍ରାପଡ଼ା କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାକୁ ରାଜ୍ୟ ବିଜେଡି ପୂର୍ବତନ ସାଧାରଣ ସମ୍ପାଦକ ବିଜୟ କେତନ ସ୍ୱାଇଁ ଦାବି କରିଛନ୍ତି।

# ବିଶ୍ୱ ଉପଭୋକ୍ତା ଅଧିକାର ଦିବସ

ଜଗତ୍‌ସିଂହପୁର, ୨୧।୩
(ପ୍ରମୋଦ କୁମାର ନାୟକ)

ଜିଲା ପ୍ରଶାସନ ଓ ବୈଧମାପ ବିଜ୍ଞାନ ବିଭାଗ ତରଫରୁ ବିଶ୍ୱଉପଭୋକ୍ତା ଅଧିକାର ଦିବସ ୨୦୨୫ ଜିଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ପୂର୍ବାହ୍ନରେ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ, ଜଗତ୍‌ସିଂହପୁର ଜ୍ୟୋତିଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖାଉଟି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ ସମ୍ମାନିତ ଅତିଥିଭାବେ ଜିଲାପାଳ ଜେ. ସୋନାଲ, ମୁଖ୍ୟବକ୍ତା ଭାବେ ଜିଲାଖାଉଟି ବିବାଦ ସମାଧାନ ଆୟୋଗର ସଭାପତି ପ୍ରଭାତ କୁମାର ପାଢ଼ୀ, ଅନ୍ୟ ସମ୍ମାନିତ ଅତିଥିଭାବେ ଜଗତ୍‌ସିଂହପୁର ପୌରପାଳିକା ଅଧ୍ୟକ୍ଷା ଅର୍ଚ୍ଚନା ସିଂ, ଜିଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ର ଏବଂ ଜିଲା ଯୁଗ୍ମ ନିୟନ୍ତ୍ରକ ବୈଧମାପ ବିଜ୍ଞାନ ଗୌରାଙ୍ଗ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଖାଉଟି ସଚେତନତା ବିଷୟରେ ଆଲୋକପାତ କରିଥିଲେ। ବୈଠକରେ ବୈଧମାପ ବିଜ୍ଞାନ ବିଭାଗର ଯୁଗ୍ମ ନିୟନ୍ତ୍ରକ ଗୌରାଙ୍ଗ ଚନ୍ଦ୍ର ଜେନା, ତାଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ସହଯୋଗରେ ଡେମୋନଷ୍ଟ୍ରେଶନ ମାଧ୍ୟମରେ ଖାଉଟି କିପରି ଠକାମିରୁ ବଞ୍ଚିତ ହୋଇପାରିବେ। ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ବିଭିନ୍ନ ବର୍ଗର ଜନସାଧାରଣ ଯୋଗଦେଇଥିଲେ। ସଂସ୍ଥାର ସଭାପତି ବିଜୟଲକ୍ଷ୍ମୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# ମଣ୍ଡିରେ ଧାନ କଟ୍‌ନିଛଟ୍‌ନିକୁ ବିରୋଧ

ବାଲିକୁଦା,୨୧।୩ (ତାପସ ସ୍ୱାଇଁ )

ବାଲିକୁଦା ବ୍ଲକ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଏକ ବ୍ଲକସ୍ତରୀୟ ସମ୍ମିଳନୀ ବାଲିକୁଦାସ୍ଥିତ ମା' ଥାନାପତି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଂଯୋଜକ ରଘୁନାଥ ନାୟକ ଏଥିରେ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥିଭାବେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ କୁମାର, ସମ୍ମାନିତ ଅତିଥିଭାବେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ରାଜ୍ୟ ସହ ସଂଯୋଜକ ରଶ୍ମି ରଞ୍ଜନ ସ୍ୱାଇଁ, ଜିଲା ସଂଯୋଜକ ଅଶୋକ ସ୍ୱାଇଁ, ସହ ସଂଯୋଜକ ଅଶୋକ ସ୍ୱାଇଁ, ପୂର୍ବତନ ସଂଯୋଜକ ଦୁର୍ଗା ଚରଣ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ପ୍ରତ୍ୟେକ ମଣ୍ଡି ଜରିଆରେ ରାଜ୍ୟ ସରକାର ଚାଷୀଙ୍କ ଧାନ କ୍ରୟ କରାଯିବା ସହ ଏଫଏକିଉ ଧାନର ଉଚିତ ମୂଲ୍ୟ ପ୍ରଦାନ ଓ ବିନା କଟନି ଛଟନିରେ ଧାନ କ୍ରୟ କରିବାକୁ ଦାବି କରିଥିଲେ। ଏପରି କରା ନ ଗଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ


ବୈଠକରେ ଯୋଗଦେଇଥିବା ଚାଷୀ।

## ରାଜରାସ୍ତାକୁ ଓହ୍ଲାଇବାକୁ ନବ ନିର୍ମାଣ କୃଷକ ସଙ୍ଗଠନର ଚେତାବନୀ

କରିବାକୁ ଚେତାବନୀ ଦେଇଛନ୍ତି। ଏପରିକି ଚାଷୀଙ୍କୁ ୫୦୦୦ ଟଙ୍କା ଭତ୍ତା ୫୦୦୦ ସହ ବିଧବା, ଦିବ୍ୟାଙ୍ଗ ଓ ବାର୍ଦ୍ଧକ୍ୟ ଭତ୍ତା ସର୍ବନିମ୍ନ ୩୦୦୦ ପ୍ରଦାନ କରିବାକୁ ଦାବି କରିଥିଲେ। କାର୍ଯ୍ୟକ୍ରମରେ ନବ ନିର୍ମାଣ କୃଷକ ସଙ୍ଗଠନର ବ୍ଲକଣ୍ଡସ୍ତରୀୟ ନେତା ବ୍ରହ୍ମାନନ୍ଦ ମହାନ୍ତି, ବାବାଜୀ ଜେନା, ଗଙ୍ଗାଧର ଖଟୁଆ, ଅମୁଲ୍ୟ ମହାନ୍ତି, କୈଳାଶ ପରିଡା, ପଦ୍ମଲୋଚନ ବିଶ୍ୱାଳ, ମହେଶ୍ୱର ମହାନ୍ତି, ଦେବଦତ୍ତ ସାହୁ, ରୀନା ଓଝା, ବୃନ୍ଦାବନ ସ୍ୱାଇଁ, ମିଟୁ ଦାସ, ଜୟ ପ୍ରକାଶ ମହାନ୍ତି, ଜୟରାମ ସ୍ୱାଇଁ, ରଞ୍ଜିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କ ସ୍ୱାର୍ଥ ପାଇଁ ସର୍ବଦା ସଙ୍ଗଠନ କାର୍ଯ୍ୟ କରିବ ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ସଂଖ୍ୟାରେ ଚାଷୀ ଭାଇ ସାମିଲ ହୋଇଥିଲେ।

# ୧୨ ଦଫା ଦାବି ନେଇ ନିର୍ମାଣ ଶ୍ରମିକ ସଂଘର ବିକ୍ଷୋଭ

ଯାଜପୁରରୋଡ଼,୨୧।୩(ପବିତ୍ର ରଞ୍ଜନ ମହାନ୍ତି)


ଯୁଗ୍ମ ଶ୍ରମ ଆୟୁକ୍ତ ଶିବଶଙ୍କର ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

▮ ଜିଲା ଶ୍ରମ କାର୍ଯ୍ୟାଳୟ ଘେରାଉ
▮ ଯୁଗ୍ମ ଶ୍ରମ ଆୟୁକ୍ତଙ୍କୁ ଦାବିପତ୍ର ପ୍ରଦାନ

ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ (ସିଆଇଟିୟୁ) ପକ୍ଷରୁ ୧୨ ଦଫା ଦାବି ନେଇ ଯାଜପୁରରୋଡ଼ରେ ଥିବା ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ନିର୍ମାଣ ଶ୍ରମିକ ସଂଘ ରାଜ୍ୟ ଉପସଭାପତି ପ୍ରଫୁଲ୍ଲ ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନ ପରେ ଯୁଗ୍ମ ଶ୍ରମ ଆୟୁକ୍ତ ଶିବଶଙ୍କର ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଶେଷ କରି ନିର୍ମାଣ ଶ୍ରମିକ କଲ୍ୟାଣ ଆଇନକୁ ବଳବତ୍ତର ରଖି ଠିକ ରୂପେ କାର୍ଯ୍ୟକାରୀ କରିବା, ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ ଓ ନବୀକରଣ ବ୍ୟବସ୍ଥାକୁ ସରଳୀକରଣ କରିବା, ସମସ୍ତ ନିର୍ମାଣ ଶ୍ରମିକଙ୍କ ନାମ ପଞ୍ଜୀକରଣ ଓ ତୁରନ୍ତ ସମସ୍ତ ସୁବିଧା ପ୍ରଦାନ, ଷଷ୍ଠଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଓ ସମସ୍ତ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନରେ ପଢୁଥିବା ନିର୍ମାଣ ଶ୍ରମିକ ହିତାଧିକାରୀମାନଙ୍କ ପିଲାମାନଙ୍କୁ ଛାତ୍ରବୃତ୍ତି ପ୍ରଦାନ, ନିର୍ମାଣ ଶ୍ରମିକ ହିତାଧିକାରୀଙ୍କ ପେନସନ ଓ ମୃତ୍ୟୁକାଳୀନ ସହାୟତା ବୃଦ୍ଧି, ମହିଳା ଶ୍ରମିକଙ୍କୁ ୫୫ ବର୍ଷରେ ପେନସନ, କୋଠାବାଡ଼ି ଓ ନିର୍ମାଣ ଶ୍ରମିକ ସେସ୍ ପାଣ୍ଠି କଡାକଡି ଭାବେ ଆଦାୟ, ରାଜ୍ୟରେ ବନ୍ଦ ଥିବା କଳକାରଖାନା, ଖଣିଖାଦାନ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡିକୁ ତୁରନ୍ତ ଖୋଲିବା, ଶ୍ରମିକ ବିରୋଧୀ ୪ଟି ଶ୍ରମ କୋର୍ଡ ପ୍ରତ୍ୟାହାର, ଶ୍ରମିକଙ୍କ ମାସିକ ସର୍ବନିମ୍ନ ମଜୁରୀ ୨୬୦୦୦ ଟଙ୍କାକୁ ବୃଦ୍ଧି,ଠିକା,କାଜୁଆଲ ଓ କଣ୍ଟ୍ରାକଚ୍ୟୁଆଲ ପ୍ରଥା ବନ୍ଦକରି ସ୍ଥାୟୀ କାର୍ଯ୍ୟରେ ଠିକା ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି, ଓଡ଼ିଶାର ସମସ୍ତ ଜିଲା କାର୍ଯ୍ୟାଳୟରେ ଖାଲିପଡ଼ିଥିବା ପଦବୀରେ ତୁରନ୍ତ ନିଯୁକ୍ତି ଓ ନିର୍ମାଣ ଶ୍ରମିକମାନଙ୍କ ପାଇଁ ପ୍ରଚଳିତ ସମସ୍ତ କଲ୍ୟାଣକାରୀ ଯୋଜନାକୁ କାର୍ଯ୍ୟକାରୀ କରିବା, ଯାଜପୁର ଜିଲାରେ ବହୁ ବର୍ଷ ଧରି ପଡ଼ି ରହିଥିବା ନିର୍ମାଣ ଶ୍ରମିକମାନଙ୍କ ବିଭିନ୍ନ ସହାୟତାକୁ ତୁରନ୍ତ ପ୍ରଦାନ ଇତ୍ୟାଦି ୧୨ ଦଫା ଦାବିରେ ଉଲ୍ଲେଖ ରହିଛି । ଆଗାମୀ ୩୦ ଦିନ ମଧ୍ୟରେ ଜିଲାର ନିର୍ମାଣ ଶ୍ରମିକ ହିତାଧିକାରୀମାନଙ୍କ ସମସ୍ୟା ସମାଧାନ ନ ହେଲେ ସଂଘ ପକ୍ଷରୁ ବଡ଼ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଥିଲା। ଏହି ବିକ୍ଷୋଭରେ ନିର୍ମାଣ ଶ୍ରମିକ ଜିଲା ସଭାପତି ସୁରେଶ ସାହୁ, ଗୟାଧର ବେହେରା, ତ୍ରିଲୋଚନ ରାଉତ, ମନ୍ମଥ ରାୟ, ଲାଲ ମଣି ମୁଣ୍ଡା, ପାନି କିସ୍କୁ, ମାଳତୀ ହାଂସଦା, ସନ୍ତୋଷ ପୃଷ୍ଟି, ଦିଲୀପ ଦାସ,ବ୍ରହ୍ମାନନ୍ଦ ବାରିକ, ଗୋପବନ୍ଧୁ ସାହୁ, ରାଜେନ୍ଦ୍ର ସ୍ୱାଇଁ , ପ୍ରତ୍ୟୁଷ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ନାବାଳିକା ଘରକୁ ଫେରିଲେ, ଅଭିଯୁକ୍ତ କୋର୍ଟ ଚାଲାଣ

ରସୁଲପୁର,୨୧।୩(ରଞ୍ଜିତ ରାଉତ)

କୁଆଖିଆ ଥାନା ପୋଲିସ ପକ୍ଷରୁ ଅପହୃତ ନାବାଳିକାଙ୍କୁ ପୋଲିସ ଭୁବନେଶ୍ୱର ଅଞ୍ଚଳରୁ ଉଦ୍ଧାର କରିଥିଲା। ଏଥିସହିତ ଅପହରଣରେ ସଂପୃକ୍ତ ଏହି ଥାନା ଅନ୍ତର୍ଗତ ରାଜେନ୍ଦ୍ରପୁର ଅଞ୍ଚଳର ଦିଲୀପ ବାରିକଙ୍କୁ ଗିରଫ କରିଥିଲା । ଗିରଫ ଯୁବକଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିବା ବେଳେ ଅପହୃତା ନାବାଳିକାଙ୍କୁ ଯାଜପୁର କୋର୍ଟରେ ଉପସ୍ଥିତ କରାଯାଇ ୧୬୪ ଧାରାରେ ବୟାନ ରେକର୍ଡ କରାଯାଇଛି । ଏଥିସହ ପୋଲିସ ପକ୍ଷରୁ ମାମଲାକୁ ନେଇ ଅଧିକ ତଦନ୍ତ ଜାରି ରହିଛି।

ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ୭ରେ କୁଆଖିଆ ଥାନା ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିଲା । ଏ ନେଇ ପରିବାର ପକ୍ଷରୁ କୁଆଖିଆ ଥାନାରେ ଅଭିଯୋଗ ହେବା ପରେ ଝିଅର ମାଟ୍ରିକ ସାର୍ଟିଫିକେଟ୍‌ରେ ଦର୍ଶାଯାଇଥିବା ବୟସ ପ୍ରମାଣପତ୍ର ଆଧାରରେ ଥାନାରେ ଯୁବତୀ ନିଖୋଜ ମାମଲାରେ ଏକ ମାମଲା ରୁଜୁ କରାଯାଇଥିଲା । ଅପହୃତା ଝିଅ ଓ ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଭୁବନେଶ୍ୱରରୁ ଉଦ୍ଧାର କରିଥିଲା। ଏହା ଜାଣିବା ପରେ ପରିବାର ଲୋକଙ୍କ ପକ୍ଷରୁ ବୁଧବାର ଥାନାରେ ଝିଅ ନାବାଳିକା ବୋଲି ଦର୍ଶାଇ ଥାନାରେ ଆଉ ଏକ ଅଭିଯୋଗ କରାଯାଇଥିଲା । ଉକ୍ତ ଅଭିଯୋଗକୁ ନେଇ ପୋଲିସ ଥାନାରେ ଆଉ ଏକ ମାମଲା(ନଂ.୧୦୭/୨୫) ରୁଜୁ କରିଥିଲା । ତେବେ ନିଖୋଜ ଝିଅର ମାଟ୍ରିକ ସାର୍ଟିଫିକେଟ୍ ପ୍ରମାଣପତ୍ରକୁ ନେଇ ଝିଅଟି ସାବାଳିକା(୧୮ବର୍ଷରୁ ଊର୍ଦ୍ଧ୍ୱ) ହୋଇଥିବା ଜାଣି ଥାନାରେ ନିଖୋଜ ମାମଲା ରୁଜୁ ହୋଇଥିବା ବେଳେ ପରିବାର ପକ୍ଷରୁ ଝିଅର ଜନନୀ ସୁରକ୍ଷା ଯୋଜନାରେ ବ୍ୟବହୃତ କାର୍ଡରେ ବୟସ ନାବାଳିକା ହୋଇଥିବା ଦର୍ଶାଇ ପରିବାର ପକ୍ଷରୁ ଆଉ ଏକ ଅଭିଯୋଗ କରାଯିବା ଘଟଣା ପୋଲିସ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା । ଅଭିଯୋଗକାରୀ ପରିବାରକୁ ପୋଲିସ ପକ୍ଷରୁ ଅପହୃତା ଝିଅର ଜନ୍ମ ପ୍ରମାଣପତ୍ର ଦାଖଲ କରିବା ପାଇଁ ପରାମର୍ଶ ଦିଆଯାଇଛି । ତେବେ ମାଟ୍ରିକ ସାର୍ଟିଫିକେଟ୍‌ରେ ଦର୍ଶାଯାଇଥିବା ବୟସ ଓ ଜନ୍ମ ପ୍ରମାଣପତ୍ରରେ ଥିବା ବୟସକୁ ନେଇ ସନ୍ଦେହ ସୃଷ୍ଟି ହେଉଥିବାରୁ ତଦନ୍ତରେ ବାଧା ଉପୁଜିଥିଲା। ଅଭିଯୋଗକାରୀ ପରିବାର ଲୋକେ ଝିଅର ଜନ୍ମ ପ୍ରମାଣପତ୍ର ଥାନାରେ ଦାଖଲ କରିବାରୁ ଝିଅଟି ନାବାଳିକା ବୋଲି ଜଣାପଡିଥିଲା। ଏହି ପ୍ରମାଣପତ୍ର ଆଧାରରେ ଥାନାରେ ଅଟକ ରହିଥିବା ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# କାଳିଆଘୋଡ଼ା ମେଳଣ ଉଦ୍‌ଯାପିତ


ମେଳଣ ପଡ଼ିଆରେ ଦୋଳବିମାନ ।

ଜେନାପୁର,୨୧।୩(ଅଶୋକ ଦାସ)

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଧୀନ ରାମଚନ୍ଦ୍ରପୁର କାଳିଆଘୋଡ଼ା ମେଳଣ କମିଟି ଆନୁକୂଲ୍ୟରେ ୪୬ତମ ମେଳଣ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମେଳଣରେ କଠଉଣି ମଠର ଶ୍ରୀଗୋପାଳଲାଲଜୀଉ, କୃଷ୍ଣଚନ୍ଦ୍ରପୁରର ରାଧାକୃଷ୍ଣଜୀଉ, ଲୁଣିବର, କୁକୁଡ଼ା ଖାଲେଇ, ନିହଲ ପ୍ରସାଦ, ନୂଆସାହି, ପୁରୁଣା ବଉଳମାଳ କୃଷ୍ଣପସୀ, ଶ୍ରୀରାଧା ବିନୋଦ ବିହାରୀ ମହିଶରା ସମେତ ୯ରୁ ଊର୍ଦ୍ଧ୍ୱ ଦୋଳ ବିମାନ ଏହି ମେଳଣରେ ଏକତ୍ରିତ ହୋଇଥିଲେ । ଶୁକ୍ରବାର ସକାଳୁ ସଂକୀର୍ତ୍ତନ ଓ ଅଭିର ରଙ୍ଗ ଖେଳ ମଧ୍ୟରେ ବିମାନଗୁଡିକୁ ମେଳଣ ପଡ଼ିଆରେ ପହଞ୍ଚାଇଥିଲେ । ପରେ ଭୋଗ ସହ ଦକ୍ଷିଣା ଦିଆଯାଇଥିଲା। ପ୍ରଥମେ ଗୋପାଳଲାଲଜୀଉ ବିମାନ ଥାନାପତି ଭାବେ ଆସନ ଅଳଙ୍କୃତ କରିଥିଲେ। ଏହାପରେ ସମସ୍ତ ମୁଖ୍ୟ ପରିଚାଳକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କମିଟିର ପରିଚାଳକ ବାବୁଲି ସାମଲ, ପ୍ରଫୁଲ୍ଲ ଜେନା, କୁଶଧ୍ୱଜ ସ୍ୱାଇଁ, ପ୍ରଶାନ୍ତ ଜେନା, ଆନନ୍ଦ ଚନ୍ଦ୍ର ଭୂୟାଁ, ଉଦୟନାଥ ପରିଡ଼ା, ଲକ୍ଷ୍ମୀଧର କରଣ, ବିନୋଦ ପରିଡ଼ା, ବୋଧିରାମ ପରିଡ଼ା, ବାଇଧର ପ୍ରଧାନ, ନକୁଳ ମହାନ୍ତି , ହରିହର ଭୂୟାଁ , ଶିବପ୍ରସାଦ ଜେନା, ଅନାଦି ଭୂୟାଁ , ସନାତନ ସ୍ୱାଇଁଙ୍କ ସମେତ ମେଳଣ କମିଟିର ସମସ୍ତ ସଭ୍ୟ ଏଥିରେ ସହଯୋଗ କରିଥିଲେ।

# ବେସରକାରୀ ଅର୍ଥ ଲଗାଣକାରୀ ସଂସ୍ଥାର ଜୁଲମକୁ ବନ୍ଦ କଲା ପୋଲିସ

ଚଣ୍ଡିଖୋଲ,୨୧।୩(ପ୍ରଦୀପ୍ତ କୁମାର ପୃଷ୍ଟି )

ବଡ଼ଚଣା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୧୬ନଂ. ଓ ୫୩ନଂ.ରେ କେତେଜଣ ସ୍ଥାନୀୟ ଯୁବକ ଚଣ୍ଡିଖୋଲ ଛକ ଓ ଏହାର ଆଖ ପାଖ ଅଞ୍ଚଳରେ ମୋଟର ସାଇକେଲ ଧରି ଜଗି ରହୁଛନ୍ତି । ସେମାନେ ରାସ୍ତା କଡରେ ଛିଡାହୋଇ ବେସରକାରୀ ଅର୍ଥ ଲଗାଣକାରୀ ସଂସ୍ଥାରୁ ଋଣରେ ଗାଡି କିଣିଥିବା କିସ୍ତି ଖିଲାପକାରୀଙ୍କ ଗାଡ଼ିକୁ ଅଟକାଉଥିଲେ । କୌଣସି ସୂତ୍ରରୁ ଖବର ପାଇ ଶୁକ୍ରବାର ବଡ଼ଚଣା ଥାନା ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଅଧିକାରୀ ବିଦ୍ୟୁତ୍ କୁମାର ଦେହୁରୀ ଚଣ୍ଡିଖୋଲ ଛକରେ ପହଞ୍ଚି ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀଙ୍କୁ ରାସ୍ତାରୁ ହଟାଇ ଦେଇଥିଲେ । ସେ କହିଥିଲେ ପୋଲିସର ଅଗୋଚରରେ ଯଦି କେବେ ରାସ୍ତାକୁ ଆସିବ କିମ୍ବା ଗାଡି ଛଡାଇବ ତେବେ ଏହି ଅମାନବିକ କାର୍ଯ୍ୟରେ ସାମିଲ ଥିବା ସମସ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହାପରେ ସମ୍ପୃକ୍ତ ଯୁବକମାନେ ସେଠାରୁ ଖସି ପଳାଇ ଯାଇଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ କାଲୁ


@ ରମେଶ


@ ତ୍ରିନାଥ


@ ଆରାଧା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଫାଇଲେରିଆ ରୋଗୀ ଚିହ୍ନଟ ପାଇଁ ରକ୍ତ ନମୁନା ସଂଗ୍ରହ

ବ୍ରହ୍ମବରଦା,୨୧।୩ (ଯଯାତି କେଶରୀ ବେହେରା)

ଫାଇଲେରିଆ ମୁକ୍ତ ସାମାଜ ପାଇଁ ସରକାର ଉଦ୍ୟମ ଜାରି ରଖିଛନ୍ତି । ଏନେଇ ସ୍ୱାସ୍ଥ୍ୟକର୍ମୀମାନେ ଘର ଘର ବୁଲି ଫାଇଲେରିଆ ବଟିକା ପ୍ରଦାନ କରୁଛନ୍ତି। କିନ୍ତୁ ଏହାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ବିଭାଗ ତରଫରୁ ସ୍ୱାସ୍ଥ୍ୟକର୍ମୀମାନେ ରକ୍ତ ନମୁନା ସଂଗ୍ରହ ପାଇଁ ଗାଇଡ୍‌ଲାଇନ ଜାରି ହୋଇଛି। ଗୁରୁବାର ସନ୍ଧ୍ୟାରେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ରଶ୍ମିରଞ୍ଜନ ପଶାୟତଙ୍କ ତତ୍ତ୍ୱାବଧାନରେ ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତ ଡିଅସାହି ଗ୍ରାମରେ ରାତ୍ରିକାଳୀନ ରକ୍ତ ନମୁନା ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମର ୨୦ବର୍ଷ ବୟସରୁ ଊର୍ଦ୍ଧ୍ୱ ଶତାଧିକ ମହିଳା,ପୁରୁଷଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା । କାର୍ଯ୍ୟକ୍ରମରେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ପରିଦର୍ଶକ ଅଶୋକ କୁମାର ବୋଇତାଇ, ବ୍ଲକ ନୋଡ଼ାଲ ଲେପର୍ସୀ ୱାର୍କର ଚନ୍ଦ୍ରମଣି ମଲିକ, ଲାବୋରେଟରୀ ଟେକନିସିଆନ ସୁନିତା ସାହୁ ଓ ବ୍ରହ୍ମବରଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଗଣେଶ୍ୱର ତିରିଆ, ଦୀନବନ୍ଧୁ ଦାସ, ଲାବୋରେଟରୀ ଟେକ୍ନିସିଆନ ବିଷ୍ଣୁପ୍ରିୟା ମହାକୁଡ, ଆଶାକର୍ମୀ ନିର୍ମଳା ଦାସ ପ୍ରମୁଖ ସହଯୋଗ କରିଥିଲେ ।

# ସେତୁ ନିର୍ମାଣ, ରାସ୍ତା ମରାମତି କାମ ନିମ୍ନମାନର ଅଭିଯୋଗ

ଜିଲାପାଳଙ୍କୁ ଭେଟି ସମସ୍ୟା ଜଣାଇବେ ଗ୍ରାମବାସୀ

କାଳିଆପାଣି,୨୧।୩(ଅସିତ ମହାନ୍ତ)


ରାସ୍ତା ନିର୍ମାଣରେ ହୋଇଥିବା ନିମ୍ନମାନର କାମ।

ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ବିଭାଗୀୟ ଅଧିକାରୀଙ୍କ ପାଇଁ ଲେଉଟିଆ କିଆରୀ ପାଲଟିଛି । ପ୍ରତିବର୍ଷ ରାସ୍ତା ମରାମତି କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି । ନିର୍ବାଚନ ପୂର୍ବରୁ ଟେଣ୍ଡର ହୋଇଥିବା ରାସ୍ତାର ନିର୍ମାଣ କାମ ଠିକାଦାର ଏବେ କରୁଛନ୍ତି ।ହେଲେ ସେହି କାମ ନିମ୍ନମାନର ହେଉଛି ବୋଲି ଗ୍ରାମବାସୀ କହିଛନ୍ତି।

୨୦୨୩-୨୪ ଆର୍ଥିକ ବର୍ଷରେ ଟିକରପଡ଼ାଠାରୁ ଫରେଷ୍ଟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ୭ କିମି ରାସ୍ତା ପାଇଁ ଅନୂନ୍ୟ ୬ କୋଟି ଟଙ୍କା ଗ୍ରାମ୍ୟ ଉନ୍ନୟନ ବିଭାଗ ଟେଣ୍ଡର ଆହ୍ୱାନ କରିଥିଲା । ଟେଣ୍ଡର ଅନୁଯାୟୀ କଳ୍ପତରୁ ସାହୁ ନାମକ ଜଣେ ଠିକାଦାର କାର୍ଯ୍ୟାଦେଶ ପାଇଥିଲେ। ୩.୦୭୦ କିମି ରାସ୍ତା ପିଚୁ ହେବାକୁ ଥିବା ବେଳେ ୩.୯୭୦ କିମି ରାସ୍ତା ନିର୍ମାଣ କଂକ୍ରିଟ ରହିଛି । ସେହି ରାସ୍ତାରେ ୩ଟି ସେତୁ (ପୋଲିଆ) ହେବାକୁ ନିର୍ଦ୍ଦେଶ ରହିଛି । ପିଚୁ ରାସ୍ତା ନିର୍ମାଣ ପାଇଁ ପୂର୍ବ ପିଚୁକୁ କାଟି ଉଠାଇବା ପରେ ନୂତନ ଭାବେ ଡବ୍ଲ୍ୟୁଏମ୍‌ଏମ୍ ପକାଇ ପିଚୁ ପକାଇବା ନିର୍ଦ୍ଦେଶ ରହିଛି । ସେପରି କଂକ୍ରିଟ ରାସ୍ତା ୪ ଇଞ୍ଚ ମେଷ୍ଟାଲିଂ କରିବା ପରେ ୪ ଇଞ୍ଚ ଚିପ୍ସରେ କଂକ୍ରିଟ କରିବାକୁ ଏଷ୍ଟିମେଣ୍ଟରେ ନିର୍ଦ୍ଦେଶ ରହିଛି । କିଛିଦିନ ପୂର୍ବରୁ ଠିକାଦାର ନିମ୍ନମାନର ଭାଗ ଦେଇ ଡବ୍ଲ୍ୟୁଏମଏମ କରିବା ପରେ ପିଚୁ କାମ ହୋଇଛି । ପିଚୁ କାମ ଶେଷ ହେବା ପରେ କୌଣସି ଛୋଟ ଗାଡ଼ି ଗଲେ ରାସ୍ତା ଦବି ଯାଉଛି । ଏପରି କି ହାତରେ ଉଠାଇଲେ ପିଚୁ ଉଠି ଯାଉଛି । ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ଗ୍ରାମବାସୀଙ୍କ ଜଣାଇଥିଲେ । ହେଲେ ବିଭାଗୀୟ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ପୁଣି ବଳକା କଂକ୍ରିଟ ରାସ୍ତା କାର୍ଯ୍ୟକୁ ବେଧଡକ ଭାବେ ଠିକାଦାର କରୁଛନ୍ତି । ଏ ନେଇ ଟିକରପଡ଼ା ଗ୍ରାମର ଜୀବନ ହେମ୍ବ୍ରମ, ସିଦ୍ଧୁ ବୈପାଇ, ନିରଜ ମୁଣ୍ଡା, ଲମ୍ବୋଦର ସୋରେନ ବିଭାଗୀୟ ଏସଡିଓ ବାସନ୍ତୀ ହାଁସଦାଙ୍କୁ ଯୋଗାଯୋଗ କରିଥିଲେ । ଫୋନ ନ ଉଠିବାରୁ କନିଷ୍ଠ ଯନ୍ତ୍ରୀ ଉତ୍ତମ ନାୟକଙ୍କୁ ଯୋଗାଯୋଗ କରାଯାଇଥିଲା । ନିମ୍ନମାନର ନିର୍ମାଣ ହେଉଥିବା ଅଭିଯୋଗ କରିବାରୁ ସେ ଗ୍ରାମବାସୀଙ୍କୁ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି ବୋଲି ଉତ୍ତର ଦେଇଥିଲେ । ଏହାପରେ ଗ୍ରାମବାସୀ ସୋମବାର ଜିଲାପାଳଙ୍କୁ ଭେଟି ରାସ୍ତା ନିର୍ମାଣକୁ ନେଇ ଅଭିଯୋଗ ରଖିବେ ବୋଲି ପ୍ରକାଶ କରିଛନ୍ତି । ଏହାକୁ ନେଇ କନିଷ୍ଠ ଯନ୍ତ୍ରୀ ଉତ୍ତମ ନାୟକ ଯୋଗାଯୋଗ କରିବାରୁ ଫୋନ ଉଠାଇବା ବଦଳରେ କାଟି ଦେଇଥିଲେ । ଏସ୍‌ଡିଓ ବାସନ୍ତୀ ହାଁସଦା କୁହନ୍ତି, ମୁଁ ପିଚୁ କାମ କରାଯାଉଥିବା ସମୟରେ ନ ଥିଲି । ଏବେ କଂକ୍ରିଟ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ସ୍ଥିତି ଅନୁଧ୍ୟାନ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି କହିଛନ୍ତି ।

# ଧର୍ମଶାଳା ବ୍ଲକ୍, ବାଦ୍ ପଡ଼ିପାରନ୍ତି ୧୬ ହଜାର ହିତାଧିକାରୀ

ଧର୍ମଶାଳା,୨୧।୩ (ବଟକୃଷ୍ଣ ପରିଡ଼ା)

ରାଜ୍ୟରେ ନୂତନ ସରକାର ଆସିବା ପରେ ଖାଦ୍ୟ ସୁରକ୍ଷା ଆଇନ୍‌କୁ ନେଇ ଧରପଗଡ଼ ଆରମ୍ଭ ହୋଇଛି । ଫଳରେ କେତେକ ପରିବାରର ହିତାଧିକାରୀ ରାଶନ୍ କାର୍ଡ଼ ଫେରାଇ ଥିବା ବେଳେ ଅନେକ ଇ କେୱାଇସି କରିପାରି ନାହାନ୍ତି । ଧର୍ମଶାଳା ବ୍ଲକରେ ୪୮ହଜାର ୧୪୯ ପରିବାରର ୧ଲକ୍ଷ ୭୯ହଜାର ୮ଶହ ୯ଜଣ ହିତାଧିକାରୀଙ୍କ ମଧ୍ୟରୁ ଶନିବାର ସୁଧା ୧୬ହଜାର ୨୦୧ ଜଣ ହିତାଧିକାରୀ ବାଦ୍ ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି । ଖାଦ୍ୟ ସୁରକ୍ଷା ଆଇନ୍‌ରେ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କରିବା ପାଇଁ ଯୋଗାଣ ବିଭାଗ ଇ କେୱାଇସି ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଇ କେୱାଇସି କରିବା ପାଇଁ ମାର୍ଚ୍ଚ ୩୧ତାରିଖକୁ ଶେଷ ତାରିଖ ବୋଲି ବିଭାଗୀୟ ମନ୍ତ୍ରୀ ଘୋଷଣା କରିଛନ୍ତି । ଯାଜପୁର ଜିଲା ଧର୍ମଶାଳା ବ୍ଲକର ୪୫ ପଞ୍ଚାୟତରେ ୯୯ଜଣ ଡ଼ିଲର୍ ନିଯୁକ୍ତ ହୋଇଛନ୍ତି । ଡ଼ିଲ୍‌ରମାନଙ୍କ ଦ୍ୱାରା ଇ କେୱାଇସି ହେଉଥିବା ବେଳେ ଅନେକ ହିତାଧିକାରୀଙ୍କ ଟିପ ଚିହ୍ନ ଠିକ୍ ଭାବେ ନେଉ ନ ଥିବାରୁ ପୁଣିଥରେ କରିବାକୁ ପଡୁଛି । ଏହି ବ୍ଲକରେ ୧୫୬ଟି ସରକାରୀ ପରିବାରର ୬୭୨ ଜଣ ହିତାଧିକାରୀ ଚିହ୍ନଟ ହୋଇ ରାଶନ୍ କାର୍ଡ଼ ଫେରାଇଛନ୍ତି । ଅନ୍ୟ ୫୦୦୨ଜଣ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଛନ୍ତି । ମୋଟ ୧ଲକ୍ଷ ୭୯ହଜାର ୮ଶହ ୯ଜଣ ହିତାଧିକାରୀଙ୍କ ମଧ୍ୟରୁ ୧୬ହଜାର ୨ଶହ ୧ଜଣ ଇ କେୱାଇସି ଶୁକ୍ରବାର ସୁଧା କରିନାହାନ୍ତି ବୋଲି ଧର୍ମଶାଳା ଯୋଗାଣ ନିରୀକ୍ଷକ ତପସ୍ୱିନୀ ବିଶ୍ୱାଳ ସୂଚନା ଦେଇଛନ୍ତି । କେତେକ ଡ଼ିଲର୍‌ଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି , ତାଲିକାରେ ଥିବା କେତେଜଣ ହିତାଧିକାରୀ ମୃତ୍ୟୁ ଘଟିଛି। କିଏ ଅନ୍ୟତ୍ର ବିବାହ କରିଥିବା ବେଳେ ଆଉ କିଏ ରାଜ୍ୟ ବାହାରେ କାମ କରୁଥିବାରୁ ଇ କେୱାଇସି ସମ୍ପୂର୍ଣ୍ଣ ହୋଇପାରୁନାହିଁ । ନୂତନ ଭାବେ ଜନ୍ମ ହୋଇଥିବା ଓ ବିବାହିତାମାନଙ୍କର ପରିବାର ରାଶନ୍ କାର୍ଡ଼ରେ ନାମ ପଞ୍ଜୀକୃତ ହେବାରେ ସମସ୍ୟା ସୃଷ୍ଟି ହେଉଛି । ଫଳରେ ଯୋଗାଣ ମନ୍ତ୍ରୀଙ୍କର ଘୋଷଣା ଅନୁସାରେ ଯଦି ମାର୍ଚ୍ଚ ୩୧ ତାରିଖକୁ ଇ କେୱାଇସି କରିବାରେ ଶେଷ ତାରିଖ ଧରାଯାଏ । ତେବେ ଧର୍ମଶାଳା ବ୍ଲକରେ ୧୬ ହଜାର ହିତାଧିକାରୀ ରାଶନ୍ ସାମଗ୍ରୀ ପାଇବାରେ ବଞ୍ଚିତ ହେବା ଆଶଙ୍କା ସୃଷ୍ଟି ହୋଇଛି ।

# ଆଗକୁ ପଡ଼ିଆ ପଡ଼ିବ ଜମି, ମିଳିବନି ପାଣି

**ଲୁଣାନଦୀ ଜଳସ୍ତର କମୁଛି**

- ନଦୀର ଗତିପଥ ପରିବର୍ତ୍ତନ ହେଉଛି
- ସହରର ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ଆଶଙ୍କା

କେନ୍ଦ୍ରାପଡ଼ା, ୨୧।୩ (ଜଗନ୍ନାଥ ଧଳ)

୨୦୨୪ ଡିସେମ୍ବରଠାରୁ କେନ୍ଦ୍ରାପଡ଼ା ଜିଲାରେ ପ୍ରବାହିତ ଲୁଣାନଦୀର ଜଳସ୍ତର କମିବାରେ ଲାଗିଛି। ଫଳରେ ଆଗାମୀଦିନରେ କେନ୍ଦ୍ରାପଡ଼ା ପୌରାଞ୍ଚଳର ପିଇବା ପାଣି ସମସ୍ୟା ଉଭା ହେବା ସହ ଅବବାହିକାରେ ଥିବା ଚାଷଜମି ପଡ଼ିଆ ପଡ଼ିବା ଆଶଙ୍କା ଦେଖାଦେଇଛି। ଲୁଣାନଦୀରୁ ବେଆଇନ ଭାବେ ବାଲି ଉଠା ଯାଉଥିବାରୁ ନଦୀପଥର ପରିବର୍ତ୍ତନ ହେବ ବୋଲି ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି। ଜିଲାରେ ପ୍ରବାହିତ ନଦୀଗୁଡ଼ିକର ସଂଯୋଗୀକରଣ ପରେ ଏହି ସମସ୍ୟାର ସମାଧାନ ହୋଇ ପାରିବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

କେନ୍ଦ୍ରାପଡ଼ା ସହରସ୍ଥ ଖଡ଼ିଅଙ୍ଗର କ୍ଷିତୀଶ କୁମାର ସିଂହ କହିଛନ୍ତି, ସହରକୁ ପାଣି ଯୋଗାଣ ପାଇଁ ପିଏଚ୍‌ଡି ଓ ଜଳ ସମ୍ପଦ ବିଭାଗର ସମନ୍ୱୟରେ ଲୁଣାନଦୀର କଳପଡ଼ାଠାରୁ ପାଣି ଉଠାଯାଉଛି। ତେବେ ଜାନୁଆରୀରୁ ନଦୀର ପମ୍ପ ହାଉସ ପାଖ ଶୁଖିଲା ପଡ଼ିଛି। ଏଥିପାଇଁ ୭୦୦ ମିଟର ଦୂରରୁ ଏକ ୧୫୦ ମିଟରର ନାଳି ଖୋଳା ଯାଇ ପମ୍ପ ହାଉସ ନିକଟକୁ ପାଣି ଅଣାଯାଉଥିଲା। ଏହି ନାଳି ଏବେ ଶୁଖିଲା ଅବସ୍ଥାକୁ ଆସିଗଲାଣି। ଏପରିସ୍ଥିତି ରହିଲେ ଆସନ୍ତା ୧୫ ଦିନ ମଧ୍ୟରେ ସହରକୁ ଜଳ ଯୋଗାଣ ବନ୍ଦ ହୋଇଯିବ। ବୁଦ୍ଧିଜୀବୀ ସନ୍ତୋଷ କୁମାର ପଣ୍ଡା କହିଛନ୍ତି, ପଡ଼ାଗୟାସପୁର, ଗୟାସପୁର, ଥାଉରୀ, ଚଢ଼େଇଗୁଆଁ, ରାଜଗଡ଼, ଅଙ୍ଗୁଳାଇ ଆଦି ସ୍ଥାନରେ ଲୁଣାନଦୀର ଚେକ୍‌ଡ୍ୟାମ ହୋଇଛି। ପାନୀୟ ଜଳ ଯୋଗାଣ ସହ ଚାଷ କାର୍ଯ୍ୟ ପାଇଁ ଜଳ ଯୋଗାଣ ହେବା କଥା। ତେବେ ଖରା ଆରମ୍ଭରୁ ଲୁଣା ନଦୀ ଜଳସ୍ତର ହ୍ରାସ ପାଇଥିବାରୁ ପ୍ରାୟ ୧୦ ହଜାର ହେକ୍ଟର ଜମି ପଡ଼ିଆ ପଡ଼ିବ ବୋଲି ଆକଳନ କରାଯାଉଛି। ପୂର୍ବତନ ଜିଲା ପରିଷଦ ସଭ୍ୟ


ଲୁଣା ନଦୀରେ ଜଳସ୍ତର ହ୍ରାସ ପାଇବାରେ ଲାଗିଛି।

ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ଲୁଣା ନଦୀ କେନ୍ଦ୍ରାପଡ଼ା ମଧ୍ୟ ଦେଇ ପ୍ରବାହିତ ହେଉଛି। ନଦୀର ଲମ୍ବ ୭୩ କିଲୋମିଟର ହୋଇଥିବା ବେଳେ ବ୍ରିଟିଶ ଶାସନ ସମୟରେ ଏହି ବାଟ ଦେଇ ନୌବାଣିଜ୍ୟ ହେଉଥିଲା। ଏହାର ରକ୍ଷଣାବେକ୍ଷଣ ଅଭାବ, ବେଆଇନ ବାଲି ଓ ମାଟି ଉଠାଣ, ଜବରଦଖଲ ହେତୁ ଏବେ ନଦୀର ଗତିପଥ ଏବଂ ଜଳଧାରଣ କ୍ଷମତାରେ ପରିବର୍ତ୍ତନ ହୋଇଛି। ଏହି ଜିଲାର ଅଧିବାସୀ ଚାଷ ଉପରେ ନିର୍ଭରଶୀଳ ହୋଇଥିବାବେଳେ ୧୫,୮୫୦ ହେକ୍ଟର ଚାଷଜମିରେ ଉଦ୍‌ବୃତ୍ତ ଜଳର ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନାହିଁ। ସେହିପରି ଜିଲାର ୩୨,୩୫୦ ହେକ୍ଟର ଚାଷ ଜମି ଲୁଣା। ଏଥିସହ ବର୍ଷାଦିନେ ୩୪,୯୫୨ ହେକ୍ଟର ଜମିରେ ବନ୍ୟା ଜଳ ମାଡି ଯାଉଛି। ଜିଲାର ୮୪,୯୧୦ ହେକ୍ଟର ଜମିକୁ ପାଣି ଯାଉ ନ ଥିବାରୁ ଏକ ପ୍ରକାର ଅଘୋଷିତ ମରୁଡି ଅଞ୍ଚଳ ଭାବେ ପରିଗଣିତ ହେଉଛି। ନଦୀ ଓ ମୁଖ୍ୟ କେନାଲଗୁଡ଼ିକର ଜଳ ପରିଚାଳନା ପାଇଁ ଜିଲା ପରିଷଦରେ ବାରମ୍ବାର ଦାବି ସତ୍ତ୍ୱେ କୌଣସି ସୁଫଳ ମିଳିଲା ନାହିଁ। ସାମାଜିକ କର୍ମୀ ପ୍ରତାପ କୁମାର ତ୍ରିପାଠୀ କହିଛନ୍ତି, ଲୁଣାନଦୀର ଜଳସେଚନ ଫଳରେ ଜିଲାରେ ଧାନ ସହ ରବି ଫସଲ ଓ ନଳିତା, ବାଦାମ ଆଖୁ ପରି ଅର୍ଥକରୀ ଫସଲ, ପନିପରିବା ଚାଷ ହେଉଥିଲା। କିଛି ବର୍ଷ ଧରି ଏହି ନଦୀର ଜଳସ୍ତର କମିବାରେ ଲାଗିଛି। ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାରଙ୍କ ବନ୍ଧ ନିର୍ମାଣ ଫଳରେ ଏପରିସ୍ଥିତି ଉପୁଜିଛି। କୃଷକ ନେତା ବିଧୁ ଭୂଷଣ ମହାପାତ୍ର କହିଛନ୍ତି, ଜିଲାରେ ୭ ନଦୀ ପ୍ରବାହିତ ହେଉଛି। ଏହି ନଦୀଗୁଡ଼ିକୁ ସଂଯୋଗୀକରଣ କରାଯାଇ ବିଭିନ୍ନସ୍ଥାନରେ ବ୍ୟାରେଜ ନିର୍ମାଣ କରାଗଲେ ଜିଲାର ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା ହୋଇପାରନ୍ତା। ଏ ନେଇ ପ୍ରଶାସକ ଓ ସ୍ଥାନୀୟ ରାଜନେତା କୌଣସି ପଦକ୍ଷେପ ନେଉନାହାନ୍ତି। ଏ ସମ୍ପର୍କରେ ଜଳ ସମ୍ପଦ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ଏହି ନଦୀର ଜଳ ଧାରଣ କ୍ଷମତା ବୃଦ୍ଧି ପାଇଁ ବିଭିନ୍ନ ପ୍ରକଳ୍ପର ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି।

## ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

କେନ୍ଦ୍ରାପଡ଼ା, ୨୧।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳର ଜଣେ ନାବାଳିକା ବଳାତ୍କାର ମାମଲା ନଂ. ୩୮/୨୨ର ଶୁକ୍ରବାର ଫଇସଲା ହୋଇଛି। ଆଡିଶନାଲ ଡିଷ୍ଟ୍ରିକ୍ଟ ଜଜ୍ କମ୍ ସେସନ୍ସ ଜଜ୍ ପ୍ରଜ୍ଞା ପାରମିତା ରାଉଳ ଏହି ପୋକ୍‌ସୋ ମାମଲାର ଶୁଣାଣି କରି ଥାନା ଅନ୍ତର୍ଗତ ଅନନ୍ତ କେଶରୀ ଗ୍ରାମର ସଞ୍ଜୟ ଗିରିଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଜରିମାନା ବାବଦ ୫୦ ହଜାର ଟଙ୍କା ଅନାଦାୟେ ୧ ବର୍ଷ ଜେଲ ହେବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ମାମଲା ପରିଚାଳନାକାରୀ ସ୍ପେଶାଲ ପିପି ଆଇନଜୀବୀ ମନୋଜ ସାହୁ କହିଛନ୍ତି, ୨୦୨୨ ଏପ୍ରିଲ ୨୪ ତାରିଖ ପୂର୍ବାହ୍ନରେ ପୀଡ଼ିତା ଘର ନିକଟସ୍ଥ ଟ୍ୟୁବୱେଲ ନିକଟରେ ଭାତ ରାନ୍ଧିବା ପାଇଁ ଚାଉଳ ଧୋଉଥିଲେ। ସଞ୍ଜୟ ଉକ୍ତ ନାବାଳିକାଙ୍କ ନିକଟକୁ ଆସି ତାଙ୍କୁ ଜୋରଜବରଦସ୍ତ ନିକଟସ୍ଥ ଏକ ନିକାଞ୍ଚନ ଜାଗାକୁ ନେଇ ବଳାତ୍କାର କରିଥିଲେ। ଏଥିରେ ନାବାଳିକା ପାଟି କରିବାରୁ ପରିବାର ସଦସ୍ୟ ଆସି ଯାଇଥିଲେ। ଫଳରେ ସଞ୍ଜୟ ସେଠାରୁ ପଳାଇ ଯାଇଥିଲେ। ଏ ନେଇ ପୀଡିତାଙ୍କ ମାଆ ଥାନାରେ ଅଭିଯୋଗ କରିଥିଲେ। ଥାନା ପୋଲିସ ତଦନ୍ତ ପରେ ସଞ୍ଜୟଙ୍କୁ ଗିରଫ କରିଥିବା ଆଇନଜୀବୀ ସାହୁ ସୂଚନା ଦେଇଛନ୍ତି।

## ଗହୀରମଥାରୁ ଟ୍ରଲର ଜବତ, ୮ ମତ୍ସ୍ୟଜୀବୀ ଗିରଫ



ଜବତ ଟ୍ରଲର ସହ ଗିରଫ ମତ୍ସ୍ୟଜୀବୀ।

ରାଜନଗର, ୨୧।୩ (ଭାସ୍କର ରାଉତରାୟ)

ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୮ ଜଣ ମତ୍ସ୍ୟଜୀବୀଙ୍କୁ ଶୁକ୍ରବାର ଗିରଫ କରିଛି। ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଗହୀରମଥାର ଏକକୁଳା ନିକଟରେ ଆଲୋକଜ୍ୟୋତି ନାମକ ଟ୍ରଲରକୁ ଜବତ କରିଥିଲା। ଜବତ ଟ୍ରଲରରୁ ୭ କୁଇଣ୍ଟାଲ ମାଛ, ୧ଟି ଜିପିଏସ, ୩ଟି ଭିଏଚଏଫ୍, ୧ଟି ଫିଶ୍‌ଫାଇଣ୍ଡର, ୧୩ଟି ଟ୍ରାଲିଂନେଟ ଓ ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଛି। ଟ୍ରଲର ଥିବା ମତ୍ସ୍ୟଜୀବୀମାନେ ହେଲେ ମୋହନ ହାଲଦାର, ରବୀନ୍ଦ୍ର ମଣ୍ଡଳ, ଶକ୍ତିପଦ ମଣ୍ଡଳ, ସଞ୍ଜୟ ମାଇତି, ପବିତ୍ର ମଣ୍ଡଳ, ଶଙ୍କର ଗିରି, ଜୟଦେବ ଦାସ, ଆନନ୍ଦ ମାନାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ମତ୍ସ୍ୟଜୀବୀମାନେ କେନ୍ଦ୍ରାପଡ଼ା ଜିଲା ତାଳଚୁଆ ମେରାଇନ ଥାନା ଓ ରାଜନଗର ଥାନା ଅଞ୍ଚଳର ବୋଲି ଜଣାପଡିଛି।

## ସେବା ଶବ୍ଦର ମହାନତା ବ୍ୟାପକ: ପଦ୍ମଶ୍ରୀ ବାବା ବଳିଆ

କେନ୍ଦ୍ରାପଡ଼ା, ୨୧।୩ (ଜଗନ୍ନାଥ ଧଳ)

ସନାତନ ଧର୍ମରେ ଜାତି ପ୍ରଥା ନାହିଁ। ଶୁଦ୍ର ଏକ ଆଳଙ୍କରିକ ଶବ୍ଦ। ଏହା ସେବା ସହିତ ଜଡିତ। ଦେଶର ସେବା ସମସ୍ତଙ୍କ କର୍ତ୍ତବ୍ୟ ସେହିପରି ମାତାପିତାଙ୍କ ହେଉ କିମ୍ବା ଗୁରୁ ଅଥବା ଗୋମାତାଙ୍କ ସେବାରେ ଆମେ ଶୁଦ୍ର ଭାବେ କାର୍ଯ୍ୟକରୁ। ସେବା ଶବ୍ଦର ମହାନତା ବ୍ୟାପକ ବୋଲି କେନ୍ଦ୍ରାପଡ଼ା ବ୍ଲକ ବାରୁଅ ଗ୍ରାମର ଶିଶୁ ଅନନ୍ତ ଆଶ୍ରମରେ ପଦ୍ମଶ୍ରୀ ବାବା ବଳିଆ ଶୁକ୍ରବାର ଆର୍ଶୀବଚନରେ ପ୍ରକାଶ କରିଛନ୍ତି। ପୂର୍ବାହ୍ନରେ ବାବା ବଳିଆ ଆଶ୍ରମ ପରିସରରେ କେତେକ କାର୍ଯ୍ୟକ୍ରମ ଯୋଗଦେବା ସହ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ଆର୍ଶୀବଚନ ଦେଇଥିଲେ। ଏଠାରେ ସେ ପରିବେଶ, ଗଣତନ୍ତ୍ର ଓ ଧର୍ମ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସତସଙ୍ଗର ମହତ୍ତ୍ୱ ସମ୍ପର୍କରେ ଉଲ୍ଲେଖ କରିବା ସହ ଯୁବବର୍ଗ ନିଶାଦ୍ରବ୍ୟ ପରିତ୍ୟାଗ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ସେହିପରି ଅଧୁନା ବୃଦ୍ଧ ମାତାପିତା ସବୁଠୁ ଅଧିକ ଅବହେଳିତ ହେଉଥିବାରୁ ସମସ୍ତଙ୍କୁ ନିଜର ପିତାମାତାଙ୍କ ସେବା କରିବା ନିମନ୍ତେ ଅନୁରୋଧ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ୫ଟି ଗଛର ସୁରକ୍ଷା ପାଇଁ ପରାମର୍ଶ ଦେଇଥିଲେ। ବିମଳ ପରିଡା, ଉପେନ୍ଦ୍ର ପାଢ଼ୀ, ନିରୁପମା ଜେନା, ରଞ୍ଜନ ବରାଳ, ରୂପାଲି ସୂତାର ଏବଂ ସ୍ମୃତିରେଖା ବିଶ୍ୱାଳ ପ୍ରମୁଖ କଳାକାରମାନେ ଶିଶୁ ଅନନ୍ତ ଏବଂ ସିଦ୍ଧ ବଳଦେବଜୀଉଙ୍କ ଉପରେ ଆଧାରିତ ଭଜନ ଓ ନୃତ୍ୟ ପରିବେଷଣ କରିଥିଲେ। ସାଂସଦ ଓ ବିଧାୟକଙ୍କୁ ସେମାନଙ୍କର ସହଯୋଗ ନିମନ୍ତେ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳା ପୁରୁଷ ଯୋଗଦେଇଥିଲେ।

## ଚୋରା କୋଇଲା ବୋଝେଇ ୨ ପିକ୍‌ଅପ୍ ଭ୍ୟାନ୍ ଜବତ

**୨ ଡ୍ରାଇଭର, ହେଲ୍‌ପର ଫେରାର**





ଜବତ ହୋଇଥିବା ୨ ପିକ୍‌ଅପ୍ ଭ୍ୟାନ।

ରାଜକନିକା, ୨୧।୩ (ସଞ୍ଜୟ କୁମାର ଦାଶ)

ଭଦ୍ରକ ଧାମରା ଅଞ୍ଚଳରୁ ପ୍ରାୟ ୫୦ରୁ ୬୦ଟି ପିକଅପ୍ ଭ୍ୟାନରେ କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅଞ୍ଚଳ ଦେଇ ଚୋରା ଅଷ୍ଟ୍ରେଲିଆ କୋଇଲା ଗାଡ଼ି ପାର ହେଉଛି। ପୋଲିସକୁ ଚକମା ଦେଇ ଚୋରା କୋଇଲା ମାଫିଆମାନେ ଖୁଲମଖୁଲା ଗାଡ଼ିଗୁଡ଼ିକୁ ରାଜକନିକାରୁ ପାସ୍ କରାଉଛନ୍ତି। ପୋଲିସ କାଁ ଭାଁ ଗାଡ଼ି ଧରି ମାମଲା ରୁଜୁ କରି ଦାୟିତ୍ୱ ସାରି ଦେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଗୁରୁବାର ମଧ୍ୟରାତ୍ରିରେ ଥାନା ଅଧୀନ କାଳିସିପଡ଼ା ଗାଁ ନିକଟରେ ଚୋରା କୋଇଲା ବୋଝେଇ ପିକଅପ୍ ଭ୍ୟାନ ନଂ. ଓଡି ୦୫ ବିଟି ୪୯୫୮ ଓ ନଂ. ଓଡି ୨୨ ଏକ୍ସ ୦୬୭୮କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସକୁ ଖବର ଦେଇଥିଲେ। ଖବରପାଇ ଆଇଆଇସିଙ୍କ ସମେତ ଏକ ଟିମ୍ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ୨ଟିକୁ ଜବତ କରି ଥାନାକୁ ଆଣିଥିଲେ। ତେବେ ଏହି ୨ଟି ପିକଅପ୍ ଭ୍ୟାନରୁ ପ୍ରାୟ ୮୦ ବସ୍ତା ଅଷ୍ଟ୍ରେଲିଆ ଚୋରା କୋଇଲା ଜବତ ହୋଇଛି। ୨ ଭ୍ୟାନର ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଛନ୍ତି। ଥାନାରେ ୨ଟି ପୃଥକ୍ ପୃଥକ୍ ନଂ: ୧୭୭/୨୫, ୧୭୮/୨୫ରେ ମାମଲା ରୁଜୁ ହୋଇଛି ବୋଲି ଆଇଆଇସି ସଞ୍ଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

ଚୋରା ଅଷ୍ଟ୍ରେଲିଆ କୋଇଲା ସାଧାରଣ କୋଇଲା ମୂଲ୍ୟଠାରୁ ଯଥେଷ୍ଟ ଅଧିକ ହୋଇଥିବାରୁ ବେଆଇନ ଭାବେ ଏହା ଚାଲାଣକୁ ରୋକ ଲଗାଇବାକୁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଆକର୍ଷଣ କରିବାକୁ ସାଧାରଣରେ ଦାବି ହେଉଛି। ଏଥିସହ ଚାନ୍ଦବାଲି-ରାଜକନିକାକୁ ସଂଯୋଗ ସ୍ଥାପନ କରୁଥିବା ବୈତରଣୀ ସେତୁ ନିକଟବର୍ତ୍ତୀ ରାଜକନିକାର ଓସ୍ତିଆ ହନୁମାନ ମନ୍ଦିର ପାଖାପାଖି ଅଞ୍ଚଳରେ ପୋଲିସ ଚେକ୍ ପୋଷ୍ଟ କରିବାକୁ ଦାବି ହେଉଛି। ଏ ନେଇ ସାମାଜିକ କର୍ମୀ ଜିତା ଦାସଙ୍କ ନେତୃତ୍ୱରେ ଅଞ୍ଚଳର ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ୮ତାରିଖରେ ଚୋରା କୋଇଲା ଗାଡ଼ି ଜବତକୁ ନେଇ ଅଞ୍ଚଳର କେତେଜଣ ଯୁବକଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ଲାଗି ରହିଛି। ଏହାକୁ ପ୍ରଶମିତ କରିବାକୁ ଆଇଆଇସିଙ୍କ ଜରିଆରେ କେନ୍ଦ୍ରାପଡ଼ା ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଲିଖିତ ଅଭିଯୋଗ କରିଥିଲେ। ୩ ମାସ ମଧ୍ୟରେ ୮ଟି ଗାଡ଼ିକୁ ପୋଲିସ ଜବତ କରିଥିବା ବେଳେ ଅନ୍ୟଗୁଡିକ କୁଆଡ଼େ ଗଲା ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ କାଲୁ


@ ରମେଶ


@ ତ୍ରିନାଥ


@ ଆରାଧା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନିଆଁ ଲାଗି ୨ ବଖରା ଭସ୍ମୀଭୂତ

ଡେରାବିଶ, ୨୧।୩ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଥାନା ଅନ୍ତର୍ଗତ ବାଲିଆ ପଞ୍ଚାୟତର ଧରମପୁର (ଡାହାଳପୁର) ଗ୍ରାମରେ ଶୁକ୍ରବାର ଅଗ୍ନିକାଣ୍ଡରେ ଅଭୟ କୁମାର ପ୍ରଧାନ ମହାପାତ୍ର ଓ ଅଞ୍ଜନ କୁମାର ପ୍ରଧାନ ମହାପାତ୍ରଙ୍କ ୨ବଖରା ଜଳିଯାଇଛି। ଖବରପାଇ ଡେରାବିଶ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଲିଭାଇଥିଲେ ସୁଦ୍ଧା ସେତେବେଳକୁ ଘରଟି ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଥିଲା। ନିଆଁର ଭୟାବହତା ଏତେ ପ୍ରଖର ଥିଲା ଯେ, ଉଭୟ ପରିବାର ସଦସ୍ୟ ପିନ୍ଧିଥିବା ବସ୍ତ୍ର ବ୍ୟତିତ ଘରୁ କୌଣସି ଜିନିଷ, ଆସବାବପତ୍ର ଏବଂ ଦରକାରୀ କାଗଜପତ୍ର ଉଦ୍ଧାର କରି ପାରି ନ ଥିଲେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣା ପଡି ନ ଥିଲେ ହେଁ ବିଦ୍ୟୁତ ଶର୍ଟସର୍କିଟ ଯୋଗୁ ଏହା ଘଟିଥିବା ନେଇ ସନ୍ଦେହ କରାଯାଉଛି। ବିପନ୍ନ ପରିବାର ପଡୋଶୀଙ୍କ ବାରଣ୍ଡାରେ ଆଶ୍ରୟ ନେଇଛନ୍ତି। ଗୋଲରାହାଟ ରାଜସ୍ୱ ନିରୀକ୍ଷକ ଅଗ୍ନିକାଣ୍ଡ ସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରି ଉଭୟ ପରିବାରକୁ ପାଲ ଯୋଗାଇ ଦେଇଛନ୍ତି। ଉଭୟ ଅଗ୍ନି ବିପନ୍ନ ଭାଇଙ୍କୁ ତୁରନ୍ତ ସରକାରୀ ଘର ଯୋଗାଇଦେବାକୁ ସରପଞ୍ଚ ପ୍ରବୀର କୁମାର ସିଂହ, ସମିତିସଭ୍ୟ ସସ୍ମିତା ବଳ, ସୁଜିତ ବଳଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

## ଓଡ଼ିଶା ରାଜନୀତିରେ ଡା. ପ୍ରଧାନ ଜଣେ ସଫଳ ବ୍ୟକ୍ତିତ୍ୱ


ସ୍ମୃତି ସଭାରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନେ।

କେନ୍ଦ୍ରାପଡ଼ା, ୨୧।୩ (ଜଗନ୍ନାଥ ଧଳ)

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନଙ୍କ ପରଲୋକରେ କେନ୍ଦ୍ରାପଡ଼ା ସହର ଗୋପସ୍ଥିତ କମଳ ଭବନ ପରିସରରେ ସ୍ମୃତିସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ହୃଷୀକେଶ ରଥଙ୍କ ସଞ୍ଚାଳନରେ ଅନୁଷ୍ଠିତ ସଭାରେ ଡା. ପ୍ରଧାନ ଓଡ଼ିଶା ରାଜନୀତିରେ ଜଣେ ପ୍ରେରଣାଦାୟୀ ତଥା ସଫଳ ବ୍ୟକ୍ତିତ୍ୱ ବୋଲି ଆଲୋଚକମାନେ ମତ ରଖିଥିଲେ। ଏଥିରେ ବରିଷ୍ଠ ଭାଜପା ନେତା ଭୁବନ ମୋହନ ଜେନା, ପଣ୍ଡିତ ସର୍ବେଶ୍ୱର ମିଶ୍ର, ଆଇନଜୀବୀ ଦୁର୍ଯ୍ୟୋଧନ ସାହୁ, ଡା. ପ୍ରଧାନଙ୍କ ସହଯୋଗୀ ହରିଶ ଜେନା, ଶିକ୍ଷାବିତ୍ ଅଜୟ କୁମାର ସାମଲ ପ୍ରମୁଖ ମତ ରଖିଥିଲେ। ସେମାନେ କହିଥିଲେ, କୃଷକ ପରିବାରରେ ଜନ୍ମ ଗ୍ରହଣ କରି ଡା. ପ୍ରଧାନ ଚିକିତ୍ସା ସେବାରେ ବ୍ରତୀ ଥିଲେ। ପରବର୍ତ୍ତୀ ସମୟରେ ଭାଜପାରେ ଯୋଗଦେଇ ବ୍ଲକ ସଭାପତି, ରାଜ୍ୟ ସଭାପତିରୁ ରାଷ୍ଟ୍ରୀୟ ଉପସଭାପତି ଭାବେ କାର୍ଯ୍ୟ କରି ସାଙ୍ଗଠନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ କେନ୍ଦ୍ରମନ୍ତ୍ରୀ ମଣ୍ଡଳରେ ଡା. ପ୍ରଧାନ ଭୂପୃଷ୍ଠ ପରିବହନ ଓ କୃଷି ମନ୍ତ୍ରୀ ହୋଇ ଓଡ଼ିଶାର ବିକାଶର ଚିତ୍ରକୁ ଅଗ୍ରଗତି ଦେଇଥିଲେ। ତାଙ୍କ ମନ୍ତ୍ରିତ୍ୱ ସମୟରେ ଜାତୀୟ ରାଜପଥ ନିର୍ମାଣ, ବନ୍ଦର ବିକାଶ ଓ କୃଷି ବିକାଶର ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରିଥିଲେ। ଡା. ପ୍ରଧାନଙ୍କ ବଳିଷ୍ଠ ନେତୃତ୍ୱ ଓ ବିଚାର ପାଇଁ ସର୍ବଦା ଓଡ଼ିଶାବାସୀଙ୍କ ହୃଦୟରେ ରହିବେ ବୋଲି ଆଲୋଚକମାନେ ପ୍ରକାଶ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ସରୋଜକାନ୍ତ ସାହୁ, ସାହିତ୍ୟିକ ସରୋଜ ମହାନ୍ତି, ପବିତ୍ର ପରିଡା, ନୀଳମଣି ସାହାଣୀ, ରୋଜାଲିନ ମହାନ୍ତି, ଉମେଶ ଦାସ, ଗୋଲେଖ ଚନ୍ଦ୍ର ପଡ଼ିଆରୀ, ବିବେକାନନ୍ଦ ମହାରଣା, ରବିନାରାୟଣ ଶତପଥୀ, ସଚ୍ଚିଦାନନ୍ଦ ବେହେରା ପ୍ରମୁଖ ଡା. ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ। ଏହି ସଭାକୁ ପ୍ରସନ୍ନ କୁମାର ପରିଡା ପରିଚାଳନା କରିଥିଲେ।

## ବୃକ୍ଷରୋପଣ, ପରିବେଶ, ଜଙ୍ଗଲ ସୁରକ୍ଷାକୁ ଗୁରୁତ୍ୱ

**ଡାଙ୍ଗମାଳଠାରେ ଜିଲାସ୍ତରୀୟ ବିଶ୍ୱ ବନ ଦିବସ**

ରାଜନଗର, ୨୧।୩ (ଭାସ୍କର ରାଉତରାୟ)

ଜଳବାୟୁ ପରିବର୍ତ୍ତନ ଏବେ ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। ବ୍ୟାପକ ଜଙ୍ଗଲ କ୍ଷୟ ସାଙ୍ଗକୁ ପରିବେଶ ନଷ୍ଟ ଯୋଗୁ ଜୈବ ବିବିଧତା ଲୋପ ପାଇବାକୁ ବସିଛି। ଜଳବାୟୁରେ ଅନିୟମିତତା ଏଡାଇବାକୁ ଏବେଠାରୁ ବ୍ୟାପକ ବୃକ୍ଷରୋପଣ ସହ ଜଙ୍ଗଲ ସୃଷ୍ଟି ପାଇଁ ସମସ୍ତେ ଶପଥ ନେବାକୁ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ରାଜନଗର ବନଖଣ୍ଡ (ବନ୍ୟଜୀବ) ଡିଭିଜନ ପକ୍ଷରୁ ଜିଲାସ୍ତରୀୟ ବିଶ୍ୱ ବନ ଦିବସ କନିକା ରେଞ୍ଜର ଡାଙ୍ଗମାଳଠାରେ ଅନୁଷ୍ଠିତ ହୋଇଯାଇଛି। ଏସିଏଫ୍ ମାନସ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବିଶ୍ୱ ବନ ଦିବସରେ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ମୁଖ୍ୟଅତିଥି, ଖବରଦାତା ଭାସ୍କର ରାଉତରାୟ, ଅତିରିକ୍ତ ବନ ସଂରକ୍ଷକ ପୁନମ ହୀରା ହାଁସଦା, ଗଗନ ବିହାରୀ ମଲ୍ଲିକ, ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ବ୍ୟାପକ ବୃକ୍ଷରୋପଣ ସହ ପରିବେଶ ଓ ଜଙ୍ଗଲର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଭିତରକନିକା ଓ ଗହୀରମଥାରେ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବନ କର୍ମଚାରୀ ମନୋରଞ୍ଜନ ବେହେରା, ବିଭୂତି ତରାଇ, ଅଲେଖ ପରିଡା, ଚନ୍ଦ୍ରକାନ୍ତ ଦାସଙ୍କୁ ମାନପତ୍ର ସହ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ପରିବେଶ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବାକୁ ହାଇସ୍କୁଲର ଛାତ୍ରୀଛାତ୍ରମାନେ ଚିତ୍ରାଙ୍କନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।


କନିକା ରେଞ୍ଜର ଡାଙ୍ଗମାଳଠାରେ ଜିଲାସ୍ତରୀୟ ବନ ଦିବସ ପାଳନରେ ଅତିଥିଙ୍କ ସହଗରେ ଛାତ୍ରୀଛାତ୍ରମାନେ।

# ପୀଡ଼ିତାଙ୍କୁ ଚିକିତ୍ସାଳୟରେ ଭେଟିଲା କଂଗ୍ରେସ ଟିମ୍

ନୟାଗଡ଼, ୨୧।୩(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ଶୌଚାଳୟରେ ଜଣେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ ମୃତ ଶିଶୁପୁତ୍ର ପ୍ରସବ କରିବା ଘଟଣା ସାରା ଓଡ଼ିଶାରେ ଆଲୋଡନ ସୃଷ୍ଟି କରିଛି। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇ କଂଗ୍ରେସ ପକ୍ଷରୁ ଏକ ୪ ଜଣିଆ ଟିମ୍ ପୀଡିତାଙ୍କୁ ଶୁକ୍ରବାର ଭେଟିଛନ୍ତି। କଂଗ୍ରେସ ଟିମ୍‌ରେ ପୂର୍ବତନ ଏମ୍‌ପି ନକୁଳ ନାୟକ, ପିସିସି ମୁଖପାତ୍ର ସୋନାଲି ସାହୁ, ଖୋର୍ଦ୍ଧା ଜିଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ, ନୟାଗଡ଼ ଜିଲା ସଭାପତି ରଣଜିତ୍ ଦାଶ ସାମିଲ ଥିଲେ। ତେବେ ଘଟଣାର ୨ଦିନ ବିତିଯିବାକୁ ବସିଥିବାବେଳେ ଏଯାବତ କଲେଜ ପକ୍ଷରୁ ନୟାଗଡ଼ ଟାଉନ ଥାନାରେ ଅଭିଯୋଗ କରାଯାଇ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି।

କଂଗ୍ରେସର ପ୍ରେସ୍ ବିବୃତି ଅନୁସାରେ, କନ୍ଧମାଳ ଜିଲା ରାଇକିଆ ଅଞ୍ଚଳର ଜଣେ ଆଦିବାସୀ ଛାତ୍ରୀ ନୟାଗଡ଼ର ଏକ କଲେଜରେ ପାଠ ପଢ଼ିବା ସହ ଛାତ୍ରୀନିବାସରେ ରହୁଥିଲେ। ଗୁରୁବାର ସକାଳେ ଛାତ୍ରୀଙ୍କ ପେଟ ଯନ୍ତ୍ରଣା ବଢ଼ିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି


ଜିଲା ମୁଖ୍ୟ ଚିକିତ୍ସାଳୟରେ କଂଗ୍ରେସ ଟିମ୍ ପୀଡିତାଙ୍କୁ ଭେଟିବାକୁ ଯାଉଛନ୍ତି।

## ଚିକିତ୍ସାଳୟରେ କଲେଜ ଛାତ୍ରୀଙ୍କ ମୃତ ଶିଶୁ ପ୍ରସବ ଘଟଣା

### ଘଟଣାର ୨ଦିନ ପରେ ଏତଲା ନ ହେବାରୁ ଉଦ୍‌ବେଗ

କରାଯାଇଥିଲା। ଦାୟିତ୍ୱରେ ଥିବା ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରିଥିଲେ। ତେବେ ଛାତ୍ରୀ ଜଣକ ପରିସ୍ରା କରିବାକୁ ଯାଇ ଶୌଚାଳୟରେ ମୃତ ଶିଶୁପୁତ୍ର ଜନ୍ମ ଦେଇଥିଲେ। କଂଗ୍ରେସର ନୟାଗଡ଼ ଜିଲା ସଭାପତି ଦାଶଙ୍କଠାରୁ ଏହି ସ୍ୱର୍ଶ କାତର ଘଟଣା ସମ୍ପର୍କରେ ଖବର ପାଇ ପିସିସି ସଭାପତି ଭକ୍ତ ଚରଣ ଜେନା ଏକ ୪ ଜଣିଆ କମିଟି ଗଠନ କରି ପୀଡିତାଙ୍କୁ ଭେଟିବା ସହ ତଥ୍ୟ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ କଂଗ୍ରେସର ୪ଜଣିଆ ଦଳ ଶୁକ୍ରବାର ସନ୍ଧ୍ୟାରେ ଚିକିତ୍ସାଳୟରେ ପୀଡ଼ିତାଙ୍କୁ ଭେଟି ତଥ୍ୟ ସଂଗ୍ରହ କରିଥିଲେ। ଘଟଣା ଘଟିବାର ୨ଦିନ ବିତିଯିବାକୁ ବସିଥିବାବେଳେ କଲେଜ କର୍ତ୍ତୃପକ୍ଷ ଥାନାରେ ଲିଖିତ ଅଭିଯୋଗ କରି ନ ଥିବାରୁ ଘଟଣା ସନ୍ଦେହଘେରକୁ ଆସିଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଅନ୍ୟପକ୍ଷେ କଂଗ୍ରେସ ପ୍ରତିନିଧି ଦଳ ନୟାଗଡ଼ ଅତିରିକ୍ତ ଏସ୍‌ପିଙ୍କୁ ସାକ୍ଷାତ କରି ଯୌନ ବ୍ୟଭିଚାର ଘଟଣାର ନିରପେକ୍ଷ ତଦନ୍ତ କରାଇ ଛାତ୍ରୀ କିପରି ଗର୍ଭବତୀ ହେଲେ, ଗର୍ଭବତୀ କରାଇବାରେ କେଉଁମାନେ ସମ୍ପୃକ୍ତ, ହଷ୍ଟେଲ ଭିତରକୁ କେଉଁ ପୁରୁଷ ବ୍ୟକ୍ତି ବିଶେଷ ଯିବା ଆସିବା କରୁଥିଲେ ତାର ତଦନ୍ତ ହେଉ। ସେହିପରି କଲେଜର ସିସିଟିଭି ଯାଞ୍ଚ କରିବା, ଛାତ୍ରୀ ଗର୍ଭବତୀ ହେବାର ୫ମାସ ପରେ ବି ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ, କର୍ତ୍ତୃପକ୍ଷ କିପରି ଜାଣି ପାରିଲେ ନାହିଁ ତା'ର ସତ୍ୟାସତ୍ୟ ତଦନ୍ତ କରିବା, ପୀଡିତାଙ୍କୁ କୋର୍ଟରେ ହାଜର କରାଇ ୧୬୪ ଧାରାରେ ବୟାନ ଲିପିବଦ୍ଧ କରିବାକୁ କଂଗ୍ରେସ ପ୍ରତିନିଧି ଦଳ ଦାବି କରିଛି। ସମ୍ପ୍ରତି ରାଜ୍ୟରେ ଆଦିବାସୀ ଛାତ୍ରୀ ଓ ନାବାଳିକାଙ୍କ ସହିତ ପାଶବିକ ଅତ୍ୟାଚାର, ବଳାତ୍କାର, ଗଣ ବଳାତ୍କାର ବଢ଼ିଛି। ସ୍କୁଲ ଓ କଲେଜ ଛାତ୍ରୀମାନେ ଗର୍ଭବତୀ ହେବା ବିଷୟ ଚିନ୍ତାର କାରଣ ପାଲଟିଛି। କଂଗ୍ରେସ ଏଭଳି ଘଟଣାକୁ ଗୁରୁତ୍ୱର ଭାବେ ନେଇଥିବାରୁ ଏଆଇସିସି ସମ୍ପାଦିକା ରୋଜାଲିନା ତିର୍କୀ ନୟାଗଡ଼ ଆସି ଘଟଣାର ଅନୁରୂପ ଭାବେ ତଦନ୍ତ କରିବେ। ସମ୍ପୃକ୍ତ କଲେଜରେ ଅନୁରୂପ ବଳାତ୍କାର ମାମଲା ଅତୀତରେ ଦେଖା ଦେଇଥିବାରୁ ଏଭଳି ପ୍ରସଙ୍ଗକୁ ଅଣଦେଖା କରିବା ଠିକ ନୁହେଁ। ପ୍ରତିନିଧି ଦଳ ସହ କଂଗ୍ରେସ ନେତା ଲକ୍ଷ୍ମୀଧର ତ୍ରିପାଠୀ, କମଳ ଲୋଚନ ସାହୁ, ପୂର୍ଣ୍ଣଚନ୍ଦ୍ର ସନ୍ତ, ଛାତ୍ର କଂଗ୍ରେସ ନେତା ଦିଲୀପ କୁମାର ବିଶୋଇ, ସୋସିଆଲ ମିଡିଆ କାର୍ଯ୍ୟକର୍ତ୍ତା ସୁରେନ୍ଦ୍ର ନାୟକ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ କାଲୁ


@ ରମେଶ


@ ତ୍ରିନାଥ


@ ଆରାଧା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଲୁପ୍ତ ପଥରେ ଜନଜାତି ବ୍ୟବହୃତ ଭାଷା



ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିମାନେ।

## ସମାଜରେ ଭାଷା ସଂରକ୍ଷଣ ଆବଶ୍ୟକତା ଆଲୋଚନା ଚକ୍ର

ନୟାଗଡ଼, ୨୧।୩(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ଲାଠିପଡ଼ାସ୍ଥିତ ମଡେଲ ଡିଗ୍ରୀ କଲେଜରେ ନୟାଗଡ଼ର ନୃତତ୍ତ୍ୱ ବିଜ୍ଞାନ ଓ ରାଜନୀତି ବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ ବହୁଭାଷୀ ସମାଜରେ ପ୍ରଚଳିତ ଭାଷାର ପରିଚୟ ଓ ଶକ୍ତି ସମ୍ବନ୍ଧୀୟ ଆଲୋଚନା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆଲୋଚନା ଚକ୍ରରେ ଅଧ୍ୟକ୍ଷ ମାନସ ରଞ୍ଜନ ଶତପଥୀ ପୌରୋହିତ୍ୟ କରିଥିଲେ। ଏଥିରେ ୟୁନେସ୍କୋ ଭାଷା ପ୍ରଣୟନ ବିଭାଗ ବିଶେଷଜ୍ଞ ସୁଶ୍ରୀ ସଙ୍ଗୀତା ମହାନ୍ତି ଯୋଗଦେଇ ପ୍ରଚଳିତ ଭାଷାର ଆବଶ୍ୟକତା ଏବଂ ଜନଜାତି ବ୍ୟବହୃତ ଭାଷା ବିଲୋପ ହେବ ସ୍ଥିତିରେ ପହଞ୍ଚିଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଏଣୁ ପ୍ରଚଳିତ ଭାଷା ଏବଂ ଜନଜାତି ବ୍ୟବହୃତ ଭାଷା ସଂରକ୍ଷଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଶେଷ ଭାବେ ଭାଷାର ଉନ୍ନତି ସାମଗ୍ରିକ ଭାବେ କୌଣସି ଗୋଷ୍ଠୀର ସାମର୍ଥ୍ୟ ଓ ଦୃଢ ଶକ୍ତିକୁ ପ୍ରତିପାଦିତ କରିଥାଏ। ଯାହାକି ଆନ୍ତର୍ଜାତିକ ସ୍ତରରେ ୟୁନେସ୍କୋ ତରଫରୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଉଛି। ନୃତତ୍ତ୍ୱ ବିଜ୍ଞାନ ବିଭାଗ ମୁଖ୍ୟ ଅପରାଜିତା ମିଶ୍ର ଓ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଜୟରାମ ସିଂହ ସାମଲ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ ସ୍ମୃତିପ୍ରଭା ନନ୍ଦ ଆଲୋଚନାଚକ୍ରକୁ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଦେଇଥିଲେ। ଆଲୋଚନାଚକ୍ରରେ ଶତାଧିକ ଛାତ୍ରୀଛାତ୍ରଙ୍କ ସହ ଜ୍ୟୋତ୍ସ୍ନାରାଣୀ କର, ଦୀପିକା ରାଣୀ ତୁରୁକ, ମଧୁସ୍ମିତା ମହାପାତ୍ର, ପ୍ରଜ୍ଞାନ୍ସ ରଞ୍ଜନ ସାହୁ, ଆକାଂକ୍ଷା ରଥ, ପ୍ରସାଦ କୁମାର ବେହେରା, ମନୋରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରେନ୍ ଧକ୍କାରେ ମହିଳା ମୃତ

ନୂଆଗାଁ, ୨୧।୩ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ଥାନା ନୂଆଗାଁଠାରେ ଶୁକ୍ରବାର ଟ୍ରେନ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ କୁନି ବେହେରା(୪୫)।

ପୋଲିସ ସୂଚନା ମୁତାବକ, ଖୋର୍ଦ୍ଧା-ବଲାଙ୍ଗୀର ରେଳପଥରେ ଅପରାହ୍ନ ୪ଟାରେ ଦଶପଲ୍ଲାଠାରୁ ଭୁବନେଶ୍ୱର ଯାଉଥିବା ଟ୍ରେନ ନୂଆଗାଁ ରେଳ ଷ୍ଟେଶନଠାରୁ ପ୍ରାୟ ୧ କିଲୋମିଟର ଦୂର ଆସିବା ପରେ ନୂଆଗାଁ ଗ୍ରାମ ନିକଟବର୍ତ୍ତୀ ସ୍ଥାନରେ ଜଣେ ମହିଳାଙ୍କୁ ଧକ୍କା ଦେବାରେ ଘଟଣାସ୍ଥଳରେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ପ୍ରଚାରିତ ହେବା ପରେ ମୃତ ମହିଳା ଜଣକ ଉଦୟପୁର ପଞ୍ଚାୟତ ଶିଖରଗୋଛା ଗ୍ରାମର ମନୋଜ ବେହେରାଙ୍କ ସ୍ତ୍ରୀ କୁନି ବେହେରା ବୋଲି ଜଣାପଡିଥିଲା। ଖବରପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି କୁନିଙ୍କୁ ଚିହ୍ନି ଥିଲେ। ଏ ନେଇ ନୂଆଗାଁ ଥାନା ପୋଲିସ ରେଳ ବିଭାଗକୁ ଅବଗତ କରାଇଥିବା ବେଳେ ଖବର ଲେଖା ହେବା ସୁଦ୍ଧା ମୃତଦେହ ରେଳପଥରେ ପଡି ରହିଥିଲା। ପାରିପାର୍ଶ୍ୱିକ ସ୍ଥିତି ଓ ଜନସାଧାରଣଙ୍କ ଆଲୋଚନାରୁ ମହିଳା ଜଣକ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି।

# ସବର୍ଣ୍ଣ-ଅସବର୍ଣ୍ଣ ବିବାଦ: ୬୧ ଜଣଙ୍କ ନାମରେ ମାମଲା

ନୟାଗଡ, ୨୧।୩(ଲୋକନାଥ ମିଶ୍ର)

ହୋଲି ଖେଳରେ ରଙ୍ଗମରାକୁ ନେଇ ଫତେଗଡ଼ ଥାନାର ଗୋପାଳପ୍ରସାଦ ଓ ଧଳାବନ୍ଧ ଗାଁ ଲୋକଙ୍କ ମଧ୍ୟରେ ବିବାଦ ଘନୀଭୂତ ହୋଇଥିଲା। ପରେ ପୋଲିସ ଗୋପାଳପ୍ରସାଦ ଗାଁର ୬୧ ଜଣଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଧଳାବନ୍ଧ ଗାଁର ମୁଖିଆ ରବି ନାୟକଙ୍କ ଏତଲା ଅନୁସାରେ ଗୋପାଳପ୍ରସାଦ ଗାଁର ସୁବାସ ପ୍ରଧାନ, ପପୁ ଆଲୁକ, ଟୁକୁନା ବରାଡ, ଲକ୍ଷ୍ମଣ ବରାଡ, ଗଣେଶ ବିଶ୍ୱାଳ, ବିଶ୍ୱନାଥ ପ୍ରଧାନ, ରାଜେନ୍ଦ୍ର ବେହେରା, ପପୁ ବରାଡ, ଭାଗବତ ପ୍ରଧାନ, ଟୁକୁନା ପ୍ରଧାନ, ସରପଞ୍ଚ ବ୍ରଜ କିଶୋର ଆଲୁକ ପ୍ରମୁଖ ୧୧ ଜଣଙ୍କ ସମେତ ଅନ୍ୟ ୫୦ ଜଣଙ୍କ ନାମରେ ମାମଲା ହୋଇଛି। ହୋଲି ଖେଳ ଦିନ ଧଳାବନ୍ଧର କେତେଜଣ ଅସବର୍ଣ୍ଣ ବାଳକ ଗୋପାଳପ୍ରସାଦର ସବର୍ଣ୍ଣ ଲୋକଙ୍କ ଉପରକୁ ରଙ୍ଗ ପକାଇଥିଲେ। ଗୋପାଳପ୍ରସାଦ ବାସିନ୍ଦା ଏହାର ପ୍ରତିବାଦ କରିବା ପରେ ଉତ୍ତେଜନା ଦେଖା ଦେଇଥିଲା। ଏପରିକି ମାରପିଟ୍ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଧଳାବନ୍ଧର ଅସବର୍ଣ୍ଣମାନେ ମାରପିଟ୍ ନେଇ ଥାନାରେ ଅଭିଯୋଗ କରିବା ପରେ ସେମାନଙ୍କ ୧୭ରୁ ଊର୍ଦ୍ଧ୍ୱ ଗାଈ ଚୋରି ହୋଇଥିଲା। ଧଳାବନ୍ଧ ଲୋକ ଗାଈ ଚୋରି ନେଇ ଗୋପାଳପ୍ରସାଦ ଲୋକଙ୍କୁ ଦାୟୀ କରିଥିଲେ। ଏ ସମ୍ପର୍କରେ ଅସବର୍ଣ୍ଣମାନେ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ମାମଲା ହୋଇ ନ ଥିଲା। ସେପଟେ ଧଳାବନ୍ଧର ଅସବର୍ଣ୍ଣ ଲୋକ ଗୁରୁବାର ଏସ୍‌ପି ଓ ଅତିରିକ୍ତ ଏସ୍‌ପିଙ୍କ ଭେଟି ନ୍ୟାୟ ମାଗିବା ପରେ ମାମଲା ରୁଜୁ ହୋଇଛି।

# ଜଙ୍ଗଲ, ଫଳ ସଂରକ୍ଷଣ ସଚେତନତା

## ଓଡ଼ଗାଁରେ ବିଶ୍ୱ ବନ ଦିବସ

ଓଡ଼ଗାଁ, ୨୧।୩
(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବନାଞ୍ଚଳ ରୋହିବାଙ୍କ ନର୍ସରୀ ଓ ପଞ୍ଚାୟତ ଅଞ୍ଚଳରେ ଗୁରୁବାର ବିଶ୍ୱ ବନ ଦିବସ ଉପଲକ୍ଷେ ଚଳିତବର୍ଷ ଜଙ୍ଗଲ ଏବଂ ତା'ର ଫଳ ସଂରକ୍ଷଣ ବିଷୟରେ ଜନ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ନୟାଗଡ଼ ଜିଲା ମୁଖ୍ୟ ବନ ସଂରକ୍ଷକ କ୍ଷମା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶରେ ଓଡ଼ଗାଁ ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକଙ୍କ ସହଯୋଗରେ ବନପାଳ ସରିତା ବରାଳଙ୍କ ଦ୍ୱାରା ଆୟୋଜିତ ରୋହିବାଙ୍କ, ଧନୁର୍ଜୟପୁର, କଦମଝର, ନାଉଖାଲ ଆଦି ଗ୍ରାମ ବନ ସୁରକ୍ଷା ସମିତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ସହ ସ୍ଥାନୀୟ ଅଞ୍ଚଳର ଯୁବକ ମିଶି ସକାଳେ ରୋହିବାଙ୍କ ନର୍ସରୀରେ ଏକାଠି ହୋଇ ବନାଗ୍ନି ନିର୍ବାପନ ପାଇଁ ବିଭିନ୍ନ ପ୍ରକାରର କୌଶଳ ସମ୍ପର୍କରେ ତାଲିମ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରକୃତି ବନ୍ଧୁ ପଞ୍ଚାନନ ପଣ୍ଡା, ରଞ୍ଜନ କୁମାର ଦାଶ ଯୋଗଦେଇ ବୃକ୍ଷରୋପଣ ଆବଶ୍ୟକତା ଏବଂ ଜଙ୍ଗଲି ଫଳରେ ଥିବା ଦ୍ରବ୍ୟ ଗୁଣ ସମ୍ପର୍କରେ ଆଲୋଚନା କରିଥିଲେ। ଭବିଷ୍ୟତର ମାନବ ସମାଜ ହେଉ ଅଥବା ପ୍ରାଣୀ ପୃଥିବୀ ପୃଷ୍ଠରେ ରହିବାକୁ ହେଲେ ଏହାର ସଂରକ୍ଷଣକୁ ଭୁଲି ନ ଯାଆନ୍ତି ଯେପରି ବୋଲି ବନପାଳ ବରାଳ କହିଥିଲେ। ପରେ ନର୍ସରୀଠାରୁ ସମସ୍ତେ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ବାଘୁଆ ଛକ ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲେ।

# ବିବାହିତା ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

ଓଡଗାଁ, ୨୧।୩ (ଆଦର୍ଶ କୁମାର ପଟ୍ଟନାୟକ)

ଓଡଗାଁ ଆଦର୍ଶ ଥାନା ସ୍ଥାନୀୟ ଏନ୍‌ଏସି ଜାରିଙ୍ଗି ସାହିରେ ଜଣେ ବିବାହିତା ମହିଳା ଶୁକ୍ରବାର ଅପରାହ୍ନରେ ଆତ୍ମହତ୍ୟା କରିଥିବା ନେଇ ସ୍ୱାମୀ ଅଭିଯୋଗ କରିଛନ୍ତି। ସେ ହେଲେ ମୃତକ ମହିଳା ରୋଜାଲିନ ଷଡ଼ଙ୍ଗୀ (୨୫)। ତାଙ୍କ ବାପା ଘର ନିକଟସ୍ଥ ପାନ୍ତିଖାରୀ ଶାସନ ହୋଇଥିବାବେଳେ ସେ ପ୍ରାୟ ୭ ବର୍ଷ ପୂର୍ବେ ଜାରିଙ୍ଗି ସାହିରେ ତାପସ କୁମାର ମହାପାତ୍ର (୩୨)ଙ୍କୁ ବିବାହ କରିଥିଲେ। ତାଙ୍କର ୨ଟି ଝିଅ ଥିବା ଜଣାଯାଇଛି। ହେଲେ ଶୁକ୍ରବାର ଅପରାହ୍ନରେ ସ୍ୱାମୀ ଘରୁ ବାହାରକୁ ଯାଇଥିଲେ। ଘରକୁ ଫେରି ଦେଖିଲା ବେଳକୁ ତାଙ୍କ ସ୍ତ୍ରୀ ବେକରେ ଚୁନି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ଆଣିଥିବା କହୁଥିବା ବେଳେ ଡାକ୍ତର ମୃତ ଘୋଷଣା କରିବା ସହ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଶନିବାର ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ଦେଇଛି। ମୃତକଙ୍କ ସ୍ୱାମୀ ତାପସ ଥାନାରେ ଉପସ୍ଥିତ ରହି ଲିଖିତ ଅଭିଯୋଗ କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ପୋଲିସ କୌଣସି ମାମଲା ରୁଜୁ କରି ନ ଥିଲା।

# ଅନ୍ତର୍ଜାତୀୟ ହାପିନେସ ଦିବସ

ଖଣ୍ଡପଡା, ୨୧।୩
(ଅଜୟ କୁମାର ମହାରଣା)

ସାକାର ଫାଉଣ୍ଡେଶନ ଓ ଭାରତ ସରକାରଙ୍କ ଯୁବ ଏବଂ କ୍ରୀଡା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ତରଫରୁ ଅନ୍ତର୍ଜାତୀୟ ହାପିନେସ ଦିବସ ଖଣ୍ଡପଡ଼ା ବ୍ଲକ ଅଧୀନ କୋସକା ପଞ୍ଚାୟତର ଆଦିବାସୀ ଅଞ୍ଚଳ ଭାବେ ପରିଚିତ ରୋଗାବାଦୁ ଓ ଲୁହାରଖଣି ଗ୍ରାମରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜରିଆରେ ୨୦ଜଣ ଛାତ୍ରୀଛାତ୍ରମାନଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ସେହିପରି ଅଧାରୁ ପାଠ ଛାଡ଼ିଥିବା ପିଲାମାନଙ୍କୁ କାଉନସେଲିଂ କରାଯାଇ ମୁକ୍ତ ବିଦ୍ୟାଳୟ ମାଧ୍ୟମରେ ପୁନର୍ବାର ପାଠ ପଢ଼ିବାର ସୁଯୋଗ ସୃଷ୍ଟି ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାକାର ଫାଉଣ୍ଡେଶନର ସଭାପତି ପ୍ରଜ୍ଞା ପରମିତା ପରିଡା, ଯୁବ ସାମାଜିକ କର୍ମୀ ଦୁର୍ଯ୍ୟୋଧନ ପରିଡା, ସମୀର କୁମାର ନାୟକ ଯୋଗଦେଇଥିଲେ। ଫାଉଣ୍ଡେଶନର ସମ୍ପାଦକ ଦୀପକ କୁମାର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


ପିଲାମାନଙ୍କୁ ପୁରସ୍କୃତ କରାଯାଉଛି।

# ଜଳବାୟୁ ପରିବର୍ତ୍ତନ ରୋକିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ

## ୨ ବନାଞ୍ଚଳରେ ବିଶ୍ୱ ବନ ଦିବସ

ଗଣିଆ, ୨୧।୩
(ସନ୍ତୋଷ କୁମାର ପ୍ରଧାନ)






ଗଣିଆ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ବନ ଦିବସ ଲାଗି ବାହାରିଥିବା ଶୋଭାଯାତ୍ରା। ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ବାହାରିଥିବା ରାଲି।

ଦିନକୁ ଦିନ ନୂତନ ଜଙ୍ଗଲ ସୃଷ୍ଟି କରି ବିଶ୍ୱ ଜଳବାୟୁ ପରିବର୍ତ୍ତନ ଦିଗରେ ସହାୟକ ହେବା ପାଇଁ ଯୁବପିଢି ପ୍ରୟାସ ଜାରି ରଖିବା ଆବଶ୍ୟକ ହୋଇପଡ଼ିଛି। ଜଙ୍ଗଲ ଅବକ୍ଷୟ ଯୋଗୁ ଜଳବାୟୁ ପରିବର୍ତ୍ତନ ସହ ଜଙ୍ଗଲରୁ ମଣିଷ, ପଶୁ ଓ ପକ୍ଷୀଙ୍କ ପାଇଁ ମିଳୁଥିବା ଖାଦ୍ୟଶସ୍ୟ ମଧ୍ୟ ଆଉ ମିଳିପାରୁନାହିଁ। ଜଙ୍ଗଲ ନଷ୍ଟ ହେବା ଫଳରେ ବିଭିନ୍ନ ଫଳ, ଫୁଲ ଓ ବନଜାତ ସାମଗ୍ରୀ ଲୋପ ପାଇବାକୁ ବସିଲାଣି। ଏଥିପ୍ରତି ପ୍ରତ୍ୟେକ ଯୁବପିଢି ଯତ୍ନବାନ ହେବା ଆବଶ୍ୟକ ହୋଇପଡିଛି ବୋଲି ଛାମୁଣ୍ଡିଆଠାରେ ବିଶ୍ୱ ବନ ଦିବସ ପାଳନ ଅବସରରେ ଯୋଗଦେଇଥିବା ଅତିଥିମାନେ ଆହ୍ୱାନ ଦେଇଛନ୍ତି। ଶୁକ୍ରବାର ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଛାମୁଣ୍ଡିଆ ଗୁପ୍ତେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜଙ୍ଗଲ ଓ ଖାଦ୍ୟ ସମ୍ପର୍କିତ ତର୍କ ପ୍ରତିଯୋଗିତା କରାଯାଇ ସମସ୍ତ ପ୍ରତିଯୋଗୀମାନଙ୍କୁ ସାନ୍ତ୍ୱନାମୂଳକ ଉପହାର ସହ କୃତୀ ୩ଜଣ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରଜତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଗଣିଆ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ପରିବେଶବିତ୍ ଅନ୍ତର୍ଯ୍ୟାମୀ ମିଶ୍ର, ମୁଖ୍ୟ ବକ୍ତା ଭାବେ ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ଦଶପଲ୍ଲା ସଞ୍ଚାର ଅନୁଷ୍ଠାନର ସମ୍ପାଦକ ତଥା ପରିବେଶବିତ୍ ପ୍ରଫୁଲ୍ଲ ମିଶ୍ର, ରଶ୍ମି ରଞ୍ଜନ ପ୍ରଧାନ, ମୋ ସ୍କୁଲ ସଭାପତି କମଳ ଲୋଚନ ଦଳେଇ, ବନପାଳ ପ୍ରତାପ ସେଠୀ, ଗାୟତ୍ରୀ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ସେମାନେ ମଣିଷ ସମାଜ ସହ ପଶୁ ପକ୍ଷୀମାନଙ୍କ ପାଇଁ ଜଙ୍ଗଲ, ଜଙ୍ଗଲଜାତ ଖାଦ୍ୟ ଶସ୍ୟ କିଭଳି ଭାବେ ଆବଶ୍ୟକ ହୋଇ ପଡୁଛି ଏବଂ ଆଗାମୀ ପିଢ଼ିଙ୍କ ପାଇଁ ଜଙ୍ଗଲର କେତେ ଆବଶ୍ୟକତା ସେ ସମ୍ପର୍କରେ ବିସ୍ତୃତ ଭାବେ କହିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ସଞ୍ଜୟ କୁମାର ପରିଡ଼ା ପରିଚାଳନା କରିଥିବାବେଳେ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ବିଭିନ୍ନ ଗ୍ରାମର ଇଡିସି ସଭ୍ୟ, ଗଜ ସାଥୀମାନେ ଯୋଗଦେଇଥିଲେ। ଶେଷରେ ଛାତ୍ରମାନେ ଜଙ୍ଗଲ ସୁରକ୍ଷା ଓ ଜଙ୍ଗଲ ନିଆଁ ସମ୍ପର୍କିତ ଲୋକ ସଚେତନତା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ସେହିପରି ଗଣିଆ ବନାଞ୍ଚଳରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମ ଏସିଏଫ୍ ତଥା ଗଣିଆ ବନାଞ୍ଚଳ ଅଧିକାରୀ ସୁମନ ମାଝିଙ୍କ ତତ୍ତ୍ୱାବଧାନରେ ବନପାଳ ମନୋଜ ପ୍ରଭାକର ସାହୁ, ସନ୍ତୋଷ କୁମାର ପ୍ରଧାନ, ସନ୍ତୋଷ କୁମାର ଦୋରା ବନରକ୍ଷୀ ଧରଣୀଧର ନାୟକ, କୁନି ଓଝା, ବନଶ୍ରୀ ନାୟକଙ୍କ ସମେତ ପାରାଷ୍ଟାଫ ଓ ସମସ୍ତ ବନ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଥମେ ବନ ବିଭାଗ କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ଗଣିଆ ଗ୍ରାମ ପରିକ୍ରମା କରିଥିଲା। ଜଙ୍ଗଲ ସମ୍ପଦ ମାନବ ସମାଜକୁ କିପରି ବଞ୍ଚିବାରେ ସହାୟତା କରୁଛି ଏବଂ ଜଙ୍ଗଲ ସମ୍ପଦକୁ କିପରି ପୁନରୁଦ୍ଧାର କରାଯାଇପାରିବ ତାହା ଉପରେ ବନାଞ୍ଚଳ ଅଧିକାରୀ ମତ ରଖିଥିଲେ। ଏପରି କି ବିଭିନ୍ନସ୍ଥାନରେ ହେକ୍ଟର ହେକ୍ଟର ନୂତନ ଜଙ୍ଗଲ ସୃଷ୍ଟି କରିବା ସହ ଗଣିଆ ବନ ବିଭାଗର ଅକ୍ଲାନ୍ତ ପରିଶ୍ରମରେ କିପରି ଭାବେ ବୃକ୍ଷ ରୋପଣ କରାଯାଇ ସବୁଜ ବନାନୀ କରାଯିବ ତାହା ଉପରେ ମତ ରଖିବା ସହ ପ୍ରତି ଜନସାଧାରଣ ଅନ୍ତତଃ ପଖେ ନିଜେ ଗଛ ଲଗାଇ ତାହାର ଯତ୍ନ ନେବାକୁ ଲୋକଙ୍କୁ ସଚେତନତା କରିଥିଲେ।

